بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 37

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ସେପ୍ଟେମ୍ବର 2022     15 ତବୁକ୍ 1401 ହି.ଶ     19 ସଫର 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاکۡتُبۡ لَنَا فِیۡ ہٰذِہِ الدُّنۡیَا

حَسَنَۃً وَّفِی الۡاٰخِرَۃِ اِنَّا ھُدۡنَاۤ اِلَیۡکَ ؕ

(157:اعراف)

ଅନୁବାଦ- ଏବଂ ତୁମେ ଆମମାନଙ୍କ ପାଇଁ ଇହଲୋକରେ ତଥା ପରଲୋକରେ ପୁଣ୍ୟ ଲିପିବଦ୍ଧ କର ; ଆମେମାନେ ତୁମ ଆଡ଼କୁ ପ୍ରତ୍ୟାବର୍ତନ କରିଅଛୁ ।

*(ସୁରଃ ଅଲ ଆରାଫ୍: ୧୫୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ ଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

ଏକଥା ମନେରଖ ଯେ ଏପରି ବ୍ୟକ୍ତିକୁ ବଖିଲ୍ (ଅର୍ଥାତ୍ କଞ୍ଜୁସ୍)କୁହାଯିବ ନାହିଁ ଯିଏ ନିଜ ସମ୍ପତିରୁ କୌଣସି ଯୋଗ୍ୟ ବ୍ୟକ୍ତକୁ କିଛି ଦେଇନଥାଏ ବରଂ ସେ ମଧ୍ୟ ବଖିଲ୍ ଅଟେ ଯାହାକୁ ଅଲ୍ଲାଃତାଲା ଜ୍ଞାନ ଦେଇଥିବା ସତ୍ୱେ ବି ସେ ଅନ୍ୟମାନଙ୍କୁ ତାହା ଶିଖାଇବାକୁ କୁଣ୍ଠାବୋଧ କରିଥାଏ ।

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

ଏକଥା ମନେରଖ ଯେ ଏପରି ବ୍ୟକ୍ତିକୁ ବଖିଲ୍ (ଅର୍ଥାତ୍ କଞ୍ଜୁସ୍)କୁହାଯିବ ନାହିଁ ଯିଏ ନିଜ ସମ୍ପତିରୁ କୌଣସି ଯୋଗ୍ୟ ବ୍ୟକ୍ତକୁ କିଛି ଦେଇନଥାଏ ବରଂ ସେ ମଧ୍ୟ ବଖିଲ୍ ଅଟେ ଯାହାକୁ ଅଲ୍ଲାଃତାଲା ଜ୍ଞାନ ଦେଇଥିବା ସତ୍ୱେ ବି ସେ ଅନ୍ୟମାନଙ୍କୁ ତାହା ଶିଖାଇବାକୁ କୁଣ୍ଠାବୋଧ କରିଥାଏ । ଯଦି କେବଳ ସେ ଏପରି ମନୋଭାବ ରଖି ନିଜ ଜ୍ଞାନ ଓ ନିଜ କଳା/କୌଶଳ ବିଷୟରେ କାହାକୁ ପରିଚିତ କରାଉନାହିଁ ଯେ କାଳେ ସେ ଶିଖିନେବ, ଆମର ଅସମ୍ମାନ ହୋଇଯିବ ବା ଆମ ଆମଦାନି/ଆୟରେ ଫରକ ପଡ଼ିଯିବ । ତାହେଲେ ଏମିତି ଭାବିବା ହେଉଛି ଶିର୍କ କାରଣ ଏହି କ୍ଷେତ୍ରରେ ସେ ସେହି ଜ୍ଞାନ ବା କୌଶଳ/କଳାକୁ ହିଁ ନିଜର ରାଜିକ୍ (ଜୀବିକା ପ୍ରଦାନକାରୀ) ବା ଈଶ୍ୱର ବୋଲି ମଣିଥାଏ । ଠିକ୍ ସେହିପରି ଯିଏ ନିଜର ନୈତିକତା ଅନୁଯାୟୀ କାର୍ଯ୍ୟ କରୁନାହିଁ ସେ ବି ହେଉଛି ବଖିଲ୍ (କଞ୍ଜୁସ୍) । ନୈତିକତା ପ୍ରଦାନ କରିବାର ଅର୍ଥ ହେଉଛି ଏହା କି ଯେଉଁ ଉତମ ନୈତିକ ଗୁଣସବୁ ଅଲ୍ଲାଃତାଲା ନିଜର ଅନୁଗ୍ରହ ଦ୍ୱାରା ପ୍ରଦାନ କରିଛନ୍ତି ,ତା'ସାହାଯ୍ୟରେ ପ୍ରାଣୀଜଗତ ସହିତ ବ୍ୟବହାର କରାଯିବା ଉଚିତ । ଏତତଦ୍ୱାରା ଲୋକମାନେ ତାର ସେହି ଉଦାହରଣକୁ ଦେଖି ନିଜେ ମଧ୍ୟ ନିଜର ନୈତିକତାକୁ ବିକାଶ କରିବା ପାଇଁ ଚେଷ୍ଟା କରିବେ ।

ଉତମ ଚରିତ୍ର/ନୈତିକତାର କେବଳ ଏତିକି ଅର୍ଥ ନୁହେଁ ଯେ କେବଳ ଭାଷାର ଭଦ୍ରାମି ଏବଂ ଶବ୍ଦର ଶାଳୀନତା ରେ କାର୍ଯ୍ୟସାଧନ କରିବା । ନୁହେଁ ବରଂ ସାହସ , ସଦ୍‌ଗୁଣ ଏବଂ ପବିତ୍ରତା ଇତ୍ୟାଦି ଯେତେକ ସୁଗୁଣ/ଶକ୍ତି ମଣିଷକୁ ଦିଆଯାଇଅଛି ,ବାସ୍ତବରେ ଏହାସବୁ ହେଉଛନ୍ତି ନୈତିକ ଶକ୍ତି । ଏସବୁର ସଠିକ୍ ସ୍ଥାନରେ ବ୍ୟବହାର କରିବା ହିଁ ଏହାକୁ ନୈତିକ ସ୍ଥିତିରେ ପହଂଚାଇ ଦେଇଥାଏ ।

ଯଥା ସ୍ଥାନରେ କ୍ରୋଧ ପ୍ରକାଶ କରିବା ମଧ୍ୟ ଏକ ପ୍ରକାର ନୈତିକତା ।

**(ମଲଫୁଜାତ୍ , ଖ-୦୧ , ପୃ-୩୯୩ , ମୁଦ୍ରିତ କାଦିଆନ୍ ୨୦୧୮)**

## ନବୀ ସ:ଆ:ସଙ୍କ ବାଣୀ

### ଭଲ ଏବଂ ଖରାପ ସଙ୍ଗତର ଉଦାହରଣ ।

(୨୧୦୧) ହଜରତ୍ ଅବୁ ମୁସା ରଜିୟଲ୍ଲାହୁ ଅନହୁ ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ ଆ ସ କହିଲେ : ଭଲ ପଡ଼ୋଶୀ ଏବଂ ଖରାପ ପଡ଼ୋଶୀଙ୍କ ଉଦାହରଣ ହେଉଛି ଏପରି ଯେପରି ଗୋଟିଏ ମୁଶକ୍ (କସ୍ତୁରୀ ଏବଂ ଅତର) ଦୋକାନ ଓ ଆରଟି ହେଉଛି ଲୁହାର୍ (କମାର ଶାଳ)ର ଚୁଲି । କସ୍ତୁରୀ ଦୋକାନରେ ତୁମେ (ଦୁଇଟି ଜିନିଷ ମଧ୍ୟରୁ ଗୋଟିଏ)ନିଶ୍ଚିତ ପାଇବ । ତୁମେ ତାହା କିଣିନେବ ବା ତାହାର ସୁଗନ୍ଧକୁ ଶୁଙ୍ଘିନେବ । କିନ୍ତୁ ଲୋହାର (କମାର)ର ଚୁଲି ତୁମ ଶରୀର ଓ ତୁମ ପୋଷାକକୁ ଜାଳିଦେବ ବା ସେଥିରୁ ତୁମକୁ ଦୁର୍ଗନ୍ଧ ମିଳିବ ।

### ଉପହାରକୁ ବିକ୍ରି କରିବା

(୨୧୦୪) ହଜରତ୍ ସାଲିମ୍ ବିନ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର ଅ ନିଜ ବାପାଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ନବି କରିମ୍ ସ ଆ ସ ହଜରତ୍ ଉମର୍ ର ଅ ଙ୍କ ନିକଟକୁ ହଳେ ରେଶମ ପୋଷାକ ବା ଗୋଟିଏ ଧାରିଦାର ରେଶମ ବସ୍ତ୍ର ପଠାଇଲେ । ମହାଭାଗ ସ ଆ ସ ଦେଖିଲେ ଯେ ସେ ତାହା ପିନ୍ଧିଛନ୍ତି । ଆଁ ହଜରତ୍ ସ ଆ ସ କହିଲେ : ମୁଁ ଆପଣଙ୍କୁ ଏହା ଏଇଥି ପାଇଁ ପଠାଇନଥିଲି ଯେ ଆପଣ ଏହାକୁ ପିନ୍ଧିବେ । ଏହାକୁ ତ ଏପରି ଲୋକ ପିନ୍ଧିଥାଏ ଯିଏ ଆଖିରତ୍ (ପରକାଳ)ର ଆଶୀର୍ବାଦରୁ ବଂଚିତ ରହିଥାଏ । ମୁଁ ଆପଣଙ୍କୁ ଏହା ଏଇଥିପାଇଁ ପଠାଇଥିଲି ଯେ ଆପଣ ଏହାକୁ ବିକ୍ରି କରି ଉପକୃତ ହେବ *(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)* ।

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନା ସଫଳ ଓ ବାବର୍‌କତ୍ ହେବା ପାଇଁ ଏବଂ ପୁଣ୍ୟାତ୍ମାମାନଙ୍କ ସତ୍‌ପଥ ପ୍ରତି ମାର୍ଗଦର୍ଶନର କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

***(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ .....*

ବନୁ ଜୁଦୈଦର ସର୍ଦ୍ଦାରଠାରୁ ଏହା ଆରମ୍ଭ କରିଥିଲେ । ଏହି ଚିଠିର ଜବାବରେ ସର୍ଦ୍ଦାରମାନେ ମଧ୍ୟ ମୁସଲମାନମାନଙ୍କ ନିକଟକୁ ଚିଠି ଲେଖିଲେ । ଏ ବିଷୟ ବି ଚର୍ଚ୍ଚା କରା ସରିଛି ଯେ ଏହା ଫଳରେ ସର୍ଦ୍ଦାରମାନେ ଲକିତଠାରୁ ଅଲଗା ହୋଇଗଲେ । ତାପରେ ଲକିତର ସେନା ସହିତ ମୁସଲମାନମାନଙ୍କର ଭିଷଣ ଯୁଦ୍ଧ ହେଲା । ଏ ବିଷୟରେ ସବିଶେଷ ବିବରଣୀ ପୂର୍ବର ଦିଆଯାଇଅଛି । ଏହି ଯୁଦ୍ଧ ପରେ ଇକରମାଃ ର ଅ ଏବଂ ହୁଜୈଫାଃ ର ଅ ସେହି ରାୟ ଉପରେ ଏକମତ ହୋଇଥିଲେ ଯେ ହୁଜୈଫାଃ ଓମାନରେ ହିଁ ରହି ସମସ୍ୟାଗୁଡ଼ିକୁ ସମାଧାନ କରିବେ ଓ ଲୋକମାନଙ୍କ ମଧ୍ୟରେ ଶାନ୍ତି ଫେରାଇଆଣିବେ ଏବଂ ହଜରତ୍ ଇକରମାଃ ର ଅ ମୁସଲମାନମାନଙ୍କ ବଡ଼ ସେନା ଦଳକୁ ସାଥିରେ ଧରି ଅନ୍ୟାନ୍ୟ ମୁସରିକ (ବହୁଇଶ୍ୱରବାଦୀ) ମାନଙ୍କୁ ଦମନ କରିବା ନିମନ୍ତେ ଆଗକୁ ବଢ଼ିବେ । ସେ ମହରାଃଠାରୁ ଏହି ଅଭିଯାନର ଶୁଭାରମ୍ଭ କଲେ । **(ତାରିଖ ତିବରୀ ଖ-୦୨ ପୃ-୨୯୨ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ହଜରତ୍ ଇକରମାଃ ର ଅଙ୍କ ମହରାଃ କବିଲା ଆଡ଼କୁ ଅଗ୍ରସର ହେବା ବିଷୟରେ କୁହାଯାଏ ଯେ ଓମାନର ବିଦ୍ରୋହୀମାନଙ୍କୁ ଦମନ କରିବା ପରେ ହଜରତ୍ ଇକରମାଃ ର ଅ ନିଜ ସୈନ୍ୟସାମନ୍ତ ସହିତ ନଜଦ୍ ଇଲାକାରେ ବସବାସ କରୁଥିବା ମହରାଃ କବିଲା ଅଭିମୁଖେ ଯାତ୍ରା କଲେ । ଉଲ୍ଲେଖ ଅଛି ଯେ ସେ ଓମାନର ଅଧିବାସୀ ଏବଂ ଓମାନର ଆଖପାଖର ଲୋକମାନଙ୍କ ନିକଟରୁ ଏହି ଅଭିଯାନ ପାଇଁ ସାହାଯ୍ୟ ଲୋଡ଼ିଥିଲେ । ସେ ନିଜର ଯାତ୍ରାକୁ ଜାରି ରଖିଥିଲେ ଏପରିକି ସେ ମହରାଃ କବିଲା ର ଇଲାକାରେ ପହଂଚି ଗଲେ । ତାଙ୍କ ସହିତ ବିଭିନ୍ନ କବିଲାର ଲେକେ ଥିଲେ । ଏହିପରି ଅବସ୍ଥାରେ ହଜରତ୍ ଇକରମାଃ ର ଅ ମହରାଃ କବିଲା ଏବଂ ତାହାର ଉପକଣ୍ଠ ଇଲାକା ଉପରେ ଆକ୍ରମଣ କରିଦେଲେ । ତାଙ୍କ ସହିତ ମୁକାବିଲା କରିବା ପାଇଁ ମହରାଃର ଲୋକମାନେ ଦୁଇ ଦଳରେ ବିଭକ୍ତ ହୋଇଗଲେ । ଗୋଟିଏ ଦଳ ଜୈରୁତଠାରେ ଶିଖରିୟତ୍ ନାମକ ଜଣେ ଲୋକର ନେତୃତ୍ୱରେ ମୋର୍ଚ୍ଚା ସମ୍ଭାଳି ଥିଲା । ଦ୍ୱିତୀୟ ଦଳ ନଜଦଠାରେ ବନୁ ମୁହାରିବର ଜଣେ ଲୋକ ମୁସବବାହ୍ ର ନେତୃତ୍ୱରେ ମୋର୍ଚ୍ଚା ସମ୍ଭାଳି ଥିଲା । ବାସ୍ତବରେ ସମଗ୍ର ମହରାଃ ଏହି ସେନାର ସର୍ଦ୍ଦାର ଅଧିନରେ ଥିଲେ । କେବଳ ଶିଖରିୟତ୍ ଏବଂ ତା ମଣ୍ଡଳୀ ବ୍ୟତୀତ । ଏହି ଦୁଇଜଣ ସର୍ଦ୍ଦାର ପରସ୍ପରର ବିରୋଧି ଥିଲେ । ଜଣେ ଅନ୍ୟ ଜଣକୁ ନିଜ ଆଡ଼କୁ ଡ଼ାକୁଥିଲେ ଏବଂ ଏହି ଦୁଇ ସୈନ୍ୟବାହିନୀର ପ୍ରତ୍ୟେକ ବ୍ୟକ୍ତି ଏହା ଚାହୁଁଥିଲା ଯେ ସେମାନଙ୍କ ସର୍ଦ୍ଦାର ସଫଳ ହୁଅନ୍ତୁ । ଏହା ସେହି ବିଷୟ ଥିଲା ଯାହା ଜରିଆରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ସାହାଯ୍ୟ କରିଲେ ଏବଂ ସେମାନଙ୍କୁ ସେମାନଙ୍କ ଶତ୍ରୁ ବିପକ୍ଷରେ ସୁଦୃଢ଼ କଲେ ଏବଂ ଶତ୍ରୁପକ୍ଷକୁ ଦୃବଳ କରିଦେଲେ । ଯେତେବେଳେ ଇକରମାଃ ଶିଖରିୟତ୍ ସହିତ ଅଳ୍ପ ସଂଖ୍ୟକ ଲୋକଙ୍କୁ ଦେଖିଲେ ,ସେ ତାକୁ ପୁନର୍ବାର ଇସଲାମ୍ ଗ୍ରହଣ କରିବାକୁ ଆମନ୍ତ୍ରଣ କଲେ । ସେ ପୂର୍ବରୁ ମୁସଲମାନ ଥିଲା । ତାଙ୍କୁ କହିଲେ ଯେ ତୁମେ ପୁନର୍ବାର ମୁସଲମାନ୍ ହୋଇଯାଅ । ଏବେ ଆଉ ମୁସଲମାନ୍ ମାନଙ୍କ ସହିତ ଯୁଦ୍ଧ କରନାହିଁ । ଏହି ପ୍ରାରମ୍ଭିକ ପ୍ରୟାସରେ ଶିଖରିୟତ୍ ତାଙ୍କ ନିମନ୍ତ୍ରଣକୁ ସ୍ୱୀକାର କରିନେଲା । ଏହିପରି ଅଲ୍ଲାଃତାଲା ମୁସବ୍‌ବହ୍‌କୁ ଦୃବଳ କରିଦେଲେ । ପୁଣି ହଜରତ୍ ଇକରମାଃ ମୁସବବହ୍ ଆଡ଼କୁ ବାର୍ତାବହ(ଦୂତ) ପ୍ରେରଣ କଲେ ଏବଂ ତାକୁ ମଧ୍ୟ ପୁନର୍ବାର ଇସଲାମ୍ ଗ୍ରହଣ କରିବାକୁ ଏବଂ କୁଫର୍ (ଅବିଶ୍ୱାସ)ରୁ ଦୂରେଇଯିବା ନିମନ୍ତେ ନିମନ୍ତ୍ରଣ କଲେ । କିନ୍ତୁ ତା ନିକଟରେ ବହୁ ସଂଖ୍ୟକ ଲୋକେ ଥିବାରୁ ସେହି ବହୁଳ ସଂଖ୍ୟା ତାକୁ ଧୋକା ଦେଲା । ଶିଖରିୟତ୍ ଇସଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ମୁସବ୍‌ବହ୍ ଏବଂ ଶିଖରିୟତ୍ ମଧ୍ୟରେ ଦୂରତା ବୃଦ୍ଧି ପାଇଲା । ସେ ଯାହା ବି ହେଉ ଇକରମାଃ ତା ଆଡ଼କୁ ଅଗ୍ରସର ହେଲେ । ଶିଖରିୟତ୍ ମଧ୍ୟ ତାଙ୍କ ସହିତ ଥିଲା । ଦୁହେଁ ନଜଦଠାରେ ମୁସବ୍‌ବହ୍ ସହିତ ଯୁଦ୍ଧ କଲେ । ସେମାନେ ଏଠି ଦବା ଅପେକ୍ଷା ବି ଭିଷଣ ଯୁଦ୍ଧ କଲେ । ଅଲ୍ଲାଃ ମୁରତଦ୍ ବିଦ୍ରୋହୀମାନଙ୍କ ସେନାକୁ ପରାସ୍ତ କଲେ । ସେମାନଙ୍କ ସର୍ଦ୍ଦାର ମୃତ୍ୟୁ ବରଣ କଲା । ମୁସଲମାନମାନେ ଗୋଡ଼ାଇ ଗୋଡ଼ାଇ ପଳାତକମାନଙ୍କ ମଧ୍ୟରୁ ଅନେକଙ୍କୁ ବଧ କଲେ । ଅଧିକାଂଶକୁ ବନ୍ଦୀ କଲେ । ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧରେ ଜିଣିଥିବା ଧନସମ୍ପତି)ରେ ଦୁଇ ହଜାର ସଂଖ୍ୟାରେ ଭଲ ପ୍ରଜାତିର ଓଟ ବି ମୁସଲମାନ୍ ମାନଙ୍କ ହାତକୁ ଆସିଲା । ହଜରତ୍ ଇକରମାଃ ର ଅ ମାଲେ ଗନିମତକୁ ପାଂଚ ଭାଗରେ ବାଂଟି ଦେଲେ ଏବଂ ଶିଖରିୟତକୁ ଖୁମୁସ ସହିତ ଅର୍ଥାତ ଏକପଂଚମାଂଶ ସାଥିରେ ଦେଇ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପଠାଇଦେଲେ । ଅବଶିଷ୍ଟ ଚାରି ଭାଗକୁ ମୁସଲମାନମାନଙ୍କ ମଧ୍ୟରେ ବାଂଟି ଦେଲେ । ଏହିପରି ଇକରମାଃଙ୍କ ସୈନ୍ୟବାହିନୀ ବାହନ , ସାମଗ୍ରୀ ଏବଂ ଯନ୍ତ୍ରପାତି ଇତ୍ୟାଦି ଜିନିଷ ଯୋଗୁଁ ଆହୁରି ଅଧିକା ଶକ୍ତିଶାଳୀ ହୋଇଗଲେ । ହଜରତ୍ ଇକରମାଃ ସେଠାରେ ରହି ସେହି ଇଲାକାର ସବୁ ଲୋକଙ୍କୁ ଏକାଠି କଲେ । ପୁଣି ସମସ୍ତେ ଇସଲାମ ଗ୍ରହଣ କରିନେଲେ । ଏହି ବିଜୟର ସୁସମାଚାର ସାଇବ ନାମକ ଜଣେ ଲୋକ ଜରିଆରେ ହଜରତ୍ ଇକରମାଃ ର ଅ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପହଂଚାଇ ଦେଲେ । **(ତାରିଖ ତିବରୀ ଖ-୦୨ ପୃ-୨୯୨-୨୯୩ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ପୁଣି ହଜରତ୍ ଇକରମାଃ ର ଅଙ୍କର ୟମନ୍ ଆଡ଼କୁ ଅଭିଯାନ ବିଷୟ ଉଲ୍ଲେଖ ରହିଛି । ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ନିଜ ଚିଠିରେ ହଜରତ୍ ଇକରମାଃ ର ଅଙ୍କୁ ହିଦାୟତ(ଆଦେଶ)ଦେଇଥିଲେ ଯେ ମହରାଃ ପରେ ୟମନ୍ ଚାଲିଯିବ ଏବଂ ୟମନ ଏବଂ ହଜର ମୌତ୍ ଅଭିଯାନରେ ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟାଙ୍କ ସହିତ ଅବସ୍ଥାନ କରିବ । ଓମାନ୍ ଏବଂ ୟମନ୍ ମଧରେ ଯେଉଁ ଲୋକମାନେ ବିଦ୍ରୋହ କରୁଛନ୍ତି,ସେମାନଙ୍କୁ ଦମନ କରିବ । ଏ ବିଷୟରେ ପୂର୍ବରୁ ଚର୍ଚ୍ଚା ସରିଛି । **(ତାରିଖ ତିବରୀ ଖ-୦୨ ପୃ-୨୯୨ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ଅତଏବ ହଜରତ୍ ଇକରମାଃ ର ଅ ହଜରତ୍ ଅବୁ ବକର୍ ସିଦ୍ଦିକ ର ଅ ଙ୍କ ଏହି ଆଦେଶକୁ ପାଳନ କରିବା ନିମନ୍ତେ ମହରାଃରୁ ବାହାରି ୟମନ୍ ଆଡ଼କୁ ଅଗ୍ରସର ହେଲେ । ଏପରିକି ସେ ଅବୟେନ୍ ରେ ଯାଇ ପହଂଚିଲେ । ଅବୟେନ ବି ୟମନର ଗୋଟିଏ ବସ୍ତିର ନାମ । ତାଙ୍କ ସହିତ ଗୋଟିଏ ବହୁତ ବଡ଼ ସୈନ୍ୟବାହିନୀ ଥିଲା ସେଥିରେ ମହରାଃ କବିଲାର ଏବଂ ଅନ୍ୟାନ୍ୟ କବିଲାର ଅନେକ ଲୋକେ ସାମିଲ ଥିଲେ । ହଜରତ୍ ଇକରମାଃ ର ଅ ନିଜର ସମ୍ପୂର୍ଣ୍ଣ ରହଣି ଦକ୍ଷିଣ ୟମନରେ ହିଁ ରଖିଥିଲେ । ସେଠାରେ ନଖଅ ତଥା ହିମୟର୍ ର କବିଲାଗୁଡ଼ିକୁ ଦମନ କରିବାରେ ବ୍ୟସ୍ତ ରହିଲେ ଏବଂ ଉତର ୟମନ୍ ଆଡ଼କୁ ଯିବାକୁ ସମୟ ହିଁ ମିଳିଲା ନାହିଁ ।

ହଜରତ୍ ଇକରମାଃ ର ଅ ନଖଅ କବିଲାର ପଳାତକ ମାନଙ୍କୁ ଧରିବା ପରେ ସେମାନଙ୍କୁ ପଚାରିଲେ ଯେ ଇସଲାମ୍ ବିଷୟରେ ତୁମମାନଙ୍କର ମତ କ'ଣ ? ସେମାନେ କହିଲେ ଯେ ଜାହିଲିୟତ୍ ଯୁଗରେ(ଅର୍ଥାତ ଇସଲାମ ଆସିବା ପୂର୍ବରୁ)ମଧ୍ୟ ଆମେମାନେ ଧର୍ମକୁ ଅନୁସରଣ କରୁଥିଲୁଁ । ଧର୍ମ ସହିତ ଆମେ ଜଡ଼ିତ ଥିଲୁ । ଆମେ ଆରବୀୟ ମାନେ ପରସ୍ପର ଉପରେ ଆକ୍ରମଣ କରୁନଥିଲୁ । ତାହେଲେ ଆମେ ଏହି ଧର୍ମରେ ପ୍ରବେଶ କରିବା ପରେ ଆମ ସହିତ କଣ ହେବ ? ଯେଉଁ ଧର୍ମର ଉତ୍କର୍ଷତା ସହିତ ଆମେମାନେ ପରିଚିତ ହୋଇଅଛୁ ଏବଂ ସେହି ଧର୍ମର ପ୍ରେମ ଆମ ହୃଦୟରେ ପ୍ରବେଶ କରିସାରିଛି । ଅର୍ଥାତ ଇସଲାମର ପ୍ରେମ ଆମ ହୃଦୟରେ ଏବେ ପ୍ରବେଶ କରିସାରିଛି । ହଜରତ୍ ଇକରମାଃ ର ଅ ଯେବେ ତାଙ୍କ ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ଯେ ସେ ମନ ଭିତରୁ ଏହା କହୁଛନ୍ତି ନା ଜୀବନ ବଂଚାଇବା ପାଇଁ । ସେ ଜାଣିବାକୁ ପାଇଲେ ଯେ ମାମଲା ସେହିପରି ସମାନ ଦେଖିବାକୁ ମିଳିଲା ଯେଉଁଭଳି ସେ ବର୍ଣ୍ଣନା କରିଥିଲେ । ସେ ବାସ୍ତବ ପକ୍ଷେ ଠିକ୍ ବିବୃତି ଦେଇଥିଲେ । ତାଙ୍କ ଲୋକମାନେ ଇସଲାମରେ ସ୍ଥିର ରହିଲେ । କିନ୍ତୁ ସେମାନଙ୍କ ବିଶେଷ ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସଘାତକତା କରିଥିଲେ, ସେମାନେ ପଳାୟନ କଲେ । ଏହିପରି ଭାବରେ ହଜରତ୍ ଇକରମାଃ ର ଅ ନଖଅ ଏବଂ ହିମୟର୍ କବିଲାକୁ ବିଦ୍ରୋହ କରିଥିବା ଦୋଷରୁ ନିର୍ଦ୍ଦୋଷରେ ଖଲାସ କଲେ ଓ ସେମାନଙ୍କୁ ଜମା କରିବା ପାଇଁ ସେହିଠାରେ ହିଁ ରହିଲେ । **(ତାରିଖ ତିବରୀ ଖ-୦୨ ପୃ-୨୯୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)(ହଜରତ୍ ଅବୁ ବକର୍ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ ପୃ-୨୩୩ ମୁଦ୍ରିତ ବୁକ୍ କର୍ଣ୍ଣର ଶୋ ରୁମ୍ ଝେଲମ୍)(ମୁଅଜମୁଲ୍ ବୁଲଦାନ୍ ଖ-୦୧ ପୃ-୧୦୯)**

ଅବୟନଠାରେ ହଜରତ୍ ଇକରମାଃ ର ଅଙ୍କ ରହଣି ଯୋଗୁଁ ଅସଓ୍ୱଦ୍ ଅନସୀର ଅବଶିଷ୍ଟ ଗୋଷ୍ଠୀ ଉପରେ ଗଭୀର ପ୍ରଭାବ ପଡ଼ିଲା । ସେମାନଙ୍କର ନେତୃତ୍ୱ କୈସ୍ ବିନ୍ ମକଶୁହ୍ ଏବଂ ଅମରୋ ବିନ୍ ମାଆଦି କରିବ୍ କରୁଥିଲେ । କୈସ୍ ସନଆରୁ ପଳାୟନ କରିବା ପରେ ସେ ସନା ମଧ୍ୟରେ ଘୂରି ବୁଲୁଥିଲା ଏବଂ ଅମରୋ ବିନ୍ ମାଆଦି କରିବ୍ ଅସଓ୍ୱଦ୍ ଅନସୀର ଲହଜଠାରେ ସ୍ଥିତ ପାର୍ଟିରେ ସାମିଲ୍ ହୋଇଥିଲା କିନ୍ତୁ ଯେବେ ହଜରତ୍ ଇକରମାଃ ର ଅ ଅବୟନ ପହଂଚିଲେ,ଉଭୟ କୈସ୍ ଏବଂ ମାଆଦି ତାଙ୍କ ସହିତ ଯୁଦ୍ଧ କରିବା ପାଇଁ ଏକାଠି ହୋଇଗଲେ । ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ଖୁବ ଶୀଘ୍ର ଦୁହିଁଙ୍କ ମଧ୍ୟରେ ମତଭେଦ ଦେଖାଦେଲା । ସୁତରାଂ ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେ । ଏହିପରି ଭାବରେ ହଜରତ୍ ଇକରମାଃ ର ଅ ପୂର୍ବ ଦିଗରୁ ଆସିବା ଯୋଗୁଁ ଲହଜଠାରେ ଉପସ୍ଥିତ ବିଦ୍ରୋହୀମାନଙ୍କ ଗୋଷ୍ଠୀକୁ ସମାପ୍ତ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । **(ସୟଦନା ଅବୁ ବକର୍ ସିଦ୍ଦିକ୍ ଶଖସିୟତ୍ ଔର୍ କାରନାମେ ଅଜ୍ ସଲାବୀ ମୁତରଜିମ୍ ପୃ-୩୦୪ ମକତୁବାଃ ଅଲଫୁରକାନ୍ ମୁଜଫର୍ ଗଡ଼)**

ୟମନ୍ ସହିତ ସଂଲଗ୍ନ କିନ୍ଦା କବିଲା ବସବାସ କରୁଥିଲା । ତାହା ହଜରେ ମୌତ୍ ଇଲାକାରେ ଅବସ୍ଥିତ ଥିଲା । ସେହି ଇଲାକାର ଆମିଲ୍ ହଜରତ୍ ଜିଆଦ୍ ବିନ୍ ଲବିଦ୍ ର ଅ ଥିଲେ । ସେ ଯେତେବେଳେ ଜକାତ ଆଦାୟ କରିବାରେ କଠୋରତା ଅବଲମ୍ବନ କଲେ,ସେତେବେଳେ ତାଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହୋଇଗଲା । ସୁତରାଂ ହଜରତ୍ ଇକରମାଃ ର ଅ ଏବଂ ହଜରତ୍ ମୁହାଜିର୍ ବିନ୍ ଅବୁ ଉମୈୟା ର ଅ ଉଭୟ ତାଙ୍କୁ ସାହାଯ୍ୟ କରିବା ପାଇଁ ପହଂଚିଲେ । ଏହାର ବିବରଣୀ ହଜରତ୍ ମୁହାଜିର୍ ବିନ୍ ଉମୈୟା ର ଅଙ୍କ ପ୍ରସଙ୍ଗରେ ବର୍ଣ୍ଣନା କରାଯିବ । ସେ ଯାହା ବି ହେଉ ଯେବେ ହଜରତ୍ ଇକରମାଃ ର ଅ ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ ଅଭିଯାନରେ ଦମନ କରିବା ପରେ ମଦିନା ଫେରିବା ପାଇଁ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ରେ ଦେଖନ୍ତୁ.......*


**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ: Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

ହଜରତ୍ ଅବୁ ବକର୍ ର ଅ କହିଲେ : ହେ ଅବୁ ଖୈସମାଃ ! କି ସମାଚାର ଆଣିଛ ? ସେ ଉତରରେ କହିଲେ ଯେ ହେ ରସୁଲୁଲ୍ଲାଃ ସ ଆ ସଙ୍କ ଖଲିଫା ! ଭଲ ଖବର ଅଛି । ଅଲ୍ଲାଃତାଲା ଆମକୁ ୟମାମା ଉପରେ ବିଜୟ ପ୍ରଦାନ କରିଛନ୍ତି । ରାଓ୍ୱି କୁହନ୍ତି ଯେ ଏହା ଶୁଣି ହଜରତ୍ ଅବୁ ବକର୍ ର ଅ ସଜ୍‌ଦାଃ ଶୁକର୍ (ଅର୍ଥାତ୍ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରି ନତମସ୍ତକ)କଲେ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକବର୍ ହଜରତ୍ ଅବୁ ବକର୍ ର ଅ ଙ୍କ ଗୁଣ ଗାରିମାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା**

## ୟମାମା ଯୁଦ୍ଧ ବିଷୟରେ ସବିଶେଷ ବିବରଣୀ

## ମୁସଲେମାଃ କଜ୍ଜାବକୁ ବଧ କରାଯିବାର ଘଟଣାବଳୀ ବର୍ଣ୍ଣନା

**ଖୁତ୍‌ବା ଜୁମାଃ ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୧୦ ଜୁନ୍ ୨୦୨୨ ଅନୁଯାୟୀ ୧୦ଏହ୍‌ସାନ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ସ୍ତୁତିରେ ୟମାମା ଯୁଦ୍ଧ ବିଷୟରେ ଚର୍ଚ୍ଚା ଚାଲିଥିଲା । ଏ ସମ୍ବନ୍ଧରେ ଆହୁରି ଅଧିକା ନିମ୍ନଲିଖିତ ବିଷୟ ବର୍ଣ୍ଣିତ ରହିଛି । ହଜରତ୍ ଅବୁ ସଇଦ୍ ଖୁଦରୀ ର ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ଅବାଦ୍ ବିନ୍ ବଶୀର୍ ଙ୍କୁ ଏହା କହୁଥିବାର ଶୁଣିଛି ଯେ ହେ ଅବୁ ସଇଦ୍ ! ଯେବେ ଆମେ ବୁଜାଖାର କାମ ଶେଷକଲୁଁ , ସେହି ରାତିରେ ମୁଁ ସ୍ୱପ୍ନରେ ଦେଖିଲି ଯେ ସତେ ଯେପରି ଆକାଶଟି ମୋ ପାଇଁ ଖୋଲାଯାଇ ପୁଣି ବନ୍ଦ କରିଦିଆଗଲା । ଏହାର ଅର୍ଥ ହେଉଛି ଶାହାଦତ୍ (ଶହୀଦ୍ ହେବା) । ଅବୁ ସଇଦ୍ କୁହନ୍ତି ଯେ ମୁଁ କହିଲି ଇନଶାଅଲ୍ଲାଃ ଯାହା ବି ହେବ ଠିକ୍ ହେବ । ସେ କୁହନ୍ତି ଯେ ୟମାମା ଯୁଦ୍ଧ ଦିନ ମୁଁ ଆପଣଙ୍କୁ ଦେଖୁଥିଲି ଯେ ଆପଣ ଅନସାର୍‌ମାନଙ୍କୁ ଡ଼ାକି କହୁଥିଲେ ଯେ ଆମ ଆଡ଼କୁ ଆସ । ଏଥିରେ ଚାରି ଶହ ଲୋକ ଲେଉଟି ଆସିଲେ । ସେମାନଙ୍କ ମଧ୍ୟରେ ବରାଅ ବିନ୍ ମାଲିକ୍ , ଅବୁ ଦୁଜାନାଃ ଏବଂ ଅବାଦ୍ ବିନ୍ ବଶୀର୍ ଆଗରେ ଥିଲେ । ଏପରିକି ସେମାନେ ସମସ୍ତେ ବଗିଚାର ଫାଟକ ନିକଟରେ ପହଂଚିଲେ । ମୁଁ ଅବାଦ୍ ବିନ୍ ବଶୀର୍ ଙ୍କ ଶହୀଦ୍ ହେବା ପରେ ତାଙ୍କୁ ଦେଖିଲି ଯେ ତାଙ୍କ ଚେହେରାରେ ବହୁ ମାତ୍ରାରେ ତରବାରୀର ଆଘାତ ଚିହ୍ନ ଥିଲା । ମୁଁ ତାଙ୍କୁ ତାଙ୍କ ଶରୀରରେ ଥିବା ଗୋଟିଏ ଚିହ୍ନକୁ ଦେଖି ଠଉରାଇପାରିଲି ଯେ ସେ ହେଉଛନ୍ତି ଅବାଦ୍ ବିନ୍ ବଶୀର୍ ।

ପୁଣି ହଜରତ୍ ଉମ୍ମେ ଅମ୍ମାରାଃଙ୍କ ବିଷୟରେ ଉଲ୍ଲେଖ ରହିଛି । ତାଙ୍କ ବିଷୟରେ ଇସଲାମୀୟ ଇତିହାସରେ ଆସିଛି ଯେ ସେ ବହୁତ ବାହାଦୁର ମହିଳା ଥିଲେ । ତାଙ୍କ ନାମ ନୁସୈବାଃ ବିନତେ କାଆବ୍ ଥିଲା । ସେ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇ ଅତ୍ୟନ୍ତ ସାହସିକତାର ସହିତ ଲଢ଼ିଥିଲେ । ଯେତେବେଳେ ପର୍ଯ୍ୟନ୍ତ ମୁସଲମାନମାନେ ରଣ ଜିତିରିହିଥିଲେ, ସେତେବେଳେ ପର୍ଯ୍ୟନ୍ତ ସେ ମୁଶ୍କ(ଏକ ପ୍ରକାରର ପାଣି ପାତ୍ର)ଧରି ,ସେଥିରେ ପାଣି ପୂରାଇ ଲୋକମାନଙ୍କୁ ପିଆଉଥିଲେ । କିନ୍ତ ଯେବେ ମୁସଲମାନ୍ ମାନେ ହାରିବାକୁ ଲାଗିଲେ ,ସେ ଆଁ ହଜରତ ସ ଆ ସଙ୍କ ନିକଟରେ ପହିଂଚି ଦମ୍ଭ ଦେଖାଇ ଛିଡ଼ା ହୋଇଗଲେ । କୁଫାର୍ (ଅମାନ୍ୟକାରୀ)ମାନେ ଯେବେ ଆପଣ ସ ଆପଣ ସ ଆ ସଙ୍କ ଆଡ଼କୁ ବଢୁଥିଲେ, ସେ ତୀର ଓ ତରବାରୀ ସାହାଯ୍ୟରେ ସେମାନଙ୍କୁ ରୋକୁଥିଲେ । ଆଁ ହଜରତ ସ ଆ ସ ପରେ ନିଜେ କହିଲେ ଯେ ମୁଁ ଓ୍ୱହଦ୍ ଯୁଦ୍ଧରେ ତାଙ୍କୁ ମୋ ଡ଼ାହାଣ ପଟେ ଓ ବାମ ପଟେ ଲଢୁଥିବାର ଦେଖିଥିଲି । ଇବ୍ନେ କମିୟା ଯେବେ ଆଁ ହଜରତ ସ ଆ ସଙ୍କ ନିକଟରେ ପହିଂଚିଲା,ଉମ୍ମେ ଅମ୍ମାରାଃ ଆଗକୁ ବଢ଼ି ତାକୁ ରୋକିଲେ । କିନ୍ତୁ ତା ଆକ୍ରଣଣ ଦ୍ୱାରା ହଜରତ୍ ଅମ୍ମାରାଃଙ୍କ କାନ୍ଧରେ ଗଭୀର ଆଘାତ ଲାଗିଲା । ସେ ବି ତରବାରୀ ଦ୍ୱାରା ଆକ୍ରମଣ କରିଲେ । କିନ୍ତୁ ସେ (ଇବ୍ନେ କମିୟା) ଦୁଇ ଦୁଇଟି ଜର୍ରାଃ(ସାଞ୍ଜୁ ପୋଶାକ ଯାହ ଯୁଦ୍ଧ ସମୟରେ ପିନ୍ଧାଯାଏ)ପନ୍ଧିଥିଲା । ତେଣୁ କିଛି ଲାଭ ହେଲା ନାହିଁ । ସେ ଯାହା ବି ହେଉ ଏହା ହେଉଛି ଉମ୍ମେ ଅମ୍ମାରାଙ୍କ ଐତିହାସିକ ସ୍ଥାନ୍ । ସେ ବର୍ଣ୍ଣନା କରୁଛନ୍ତି ଯେ ତାଙ୍କ ପୁତ୍ର ଅବ୍ଦୁଲାଲାଃ ହିଁ ମୁସଲେମା କଜ୍ଜାବକୁ ହତ୍ୟାକରିଥିଲେ । ହଜରତ୍ ଉମ୍ମେ ଅମ୍ମାରାଃ ର ଅ ସେହିଦିନ ନିଜର ୟମାମା ଯୁଦ୍ଧରେ ସାମିଲ୍ ଥିଲେ । ସେହି ଦିନ ତାଙ୍କର ଗୋଟିଏ ହାତ ବି କଟିଯାଇଥିଲା । ହଜରତ୍ ଉମ୍ମେ ଅମ୍ମାରାଙ୍କ ସେହି ଯୁଦ୍ଧରେ ସାମିଲ୍ ହେବାର କାରଣ ଏହା ଉଲ୍ଲେଖ ରହିଛି ଯେ ତାଙ୍କ ପୁତ୍ର ହବିବ୍ ବିନ୍ ଜୈଦ୍ ଯିଏ ହଜରତ୍ ଅମରୋ ବିନ୍ ଆସ୍ ର ଅ ଙ୍କ ସହିତ ଉମ୍ମାନରେ ଥିଲେ, ଯେବେ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ହେଲା ଓ ଏହି ଖବର ଅମରୋ ବିନ୍ ଆସ୍ ଙ୍କ ନିକଟରେ ପହଂଚିଲା ,ସେ ଉମ୍ମାନୁ ଫେରିଲେ । ରାସ୍ତାରେ ମୁସଲେମା ସହିତ ତାଙ୍କର ସାକ୍ଷାତ ହେଲା । ହଜରତ୍ ଅମରୋ ବିନ୍ ଆସ ଆଗକୁ ଚାଲିଗଲେ । ହବିବ୍ ବିନ୍ ଜୈଦ୍ ଏବଂ ଅବ୍ଦୁଲ୍ଲାଃ ବିନ୍ ଓ୍ୱହବ୍ ପଛରେ ଥିଲେ । ସେମାନଙ୍କୁ ମୁସଲେମା ଧରିପକାଇଲା । ଏବଂ କହିଲା ଯେ କ'ଣ ତୁମେ ଏ ସାକ୍ଷ୍ୟ ଦେଉଅଛ ଯେ ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍ ? ଅବ୍ଦୁଲ୍ଲାଃ ବିନ୍ ଓ୍ୱହବ୍ କହିଲେ ହଁ । ମୁସଲେମା ତାଙ୍କୁ ଲୁହା ଜଞ୍ଜିରରେ ବାନ୍ଧି କଏଦ କରିବା ପାଇଁ ହୁକୁମ୍ ଦେଲା । ତାକୁ ଏ ବିଶ୍ୱାସ ହେଲା ନାହିଁ, ସେ ଭାବିଲା ଯେ ବୋଧହୁଏ ସେ ଜୀବନ ବଂଚାଇବା ପାଇଁ ଏମିତି କହୁଥିବ । ତାପରେ ସେ ପୁଣି ହବିବ୍ ବିନ୍ ଜୈଦ୍ ଙ୍କୁ ପଚାରିଲା ଯେ କ'ଣ ତୁମେ ଏ ସାକ୍ଷ୍ୟ ଦେଉଅଛ ଯେ ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍ ? ସେ ଉତରରେ କହିଲେ ଯେ ମୋତେ ଶୁଭୁନାହିଁ । ତାପରେ ସେ ପୁଣି ପଚାରିଲା ଯେ କ'ଣ ତୁମେ ଏ ସାକ୍ଷ୍ୟ ଦେଉଅଛ ଯେ ମୁହମ୍ମଦ୍ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ ? ସେ କହିଲେ ହଁ । ମୁସଲେମା ତାଙ୍କ ପାଇଁ ଏ ନିର୍ଦ୍ଦେଶ ଦେଲା ଯେ ତାଙ୍କୁ ଖଣ୍ଡ ଖଣ୍ଡ କରିଦିଆ ଯାଉ । ସୁତରା ସେହିପରି ହିଁ କରାଗଲା । ଯେବେ ବି ସେ ହବିବ୍ ବିନ୍ ଜୈଦ୍ ଙ୍କୁ କହୁଥିଲା ଯେ କ'ଣ ତୁମେ ଏ ସାକ୍ଷ୍ୟ ଦେଉଅଛ ଯେ ମୁଁ ହେଉଛି ଅଲ୍ଲାଃଙ୍କ ରସୁଲ୍ ? ସେ ଉତରରେ କହୁଥିଲେ ମୁଁ ତୁମକଥା ଶୁଣିପାରୁ ନାହିଁ । ଯେବେ ସେ ଏକଥା ପଚାରୁଥିଲା ଯେ କ'ଣ ତୁମେ ଏ ସାକ୍ଷ୍ୟ ଦେଉଅଛ ଯେ ମୁହମ୍ମଦ୍ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ ? ସେ କହୁଥିଲେ ହଁ । ଏହିପରି ମୁସଲେମା ତାଙ୍କର ଗୋଟିଏ ଗୋଟିଏ ଅଙ୍ଗକୁ କାଟିଦେଉଥିଲା । ହବିବ୍ ବିନ୍ ଜୈଦ୍ ଙ୍କ କାନ୍ଧର ଗଣ୍ଠିକୁ ବି କାଟିଦିଆଗଲା । ତାଙ୍କ ଗୋଡ଼ର ଆଣ୍ଠୁ ଉପର ପର୍ଯ୍ୟନ୍ତ କାଟିଦିଆଗଲା । ତା ପାରେ ତାଙ୍କୁ ନିଆଁରେ ଜାଳିଦେଲା । ଏହି ସମସ୍ତ ଘଟଣାବଳୀ ଚାଲିଥିବା ସମୟରେ ନା ତ ସେ ନିଜ କଥାରୁ ଓହରିଥିଲେ ଓ ନା ମୁସେଲିମା ନିଜ କଥାରୁ ଓହରିଥିଲା । ଏହିପରି ସେ (ହବିବ୍ ବିନ୍ ଜୈଦ୍)ନିଆଁରେ ପୋଡ଼ି ହୋଇ ଶହୀଦ ହୋଇଗଲେ ।

ଆଉ ଏକ ରିଓ୍ୱାୟତ ମୁତାବକ ଯେବେ ହଜରତ୍ ହବିବ୍ ବିନ୍ ଜୈଦ୍ ର ଅ ମୁସଲେମା ନିକଟକୁ ଚିଠି ଧରି ଯାଇଥିଲେ , ସେତେବେଳେ ସେ ହଜରତ୍ ହବିବ୍ ବିନ୍ ଜୈଦ୍ ର ଅଙ୍କର ଏହିପରି ଗୋଟିଏ ଗୋଟିଏ ଅଙ୍ଗ କାଟି ଶହୀଦ କରିଥିଲା । ତାପରେ ପୁଣି ତାଙ୍କୁ ନିଆଁରେ ପକାଇ ଜାଳି ଦେଇଥିଲା । ଯେବେ ହଜରତ୍ ଉମ୍ମେ ଅମ୍ମାରାଃଙ୍କୁ ନିଜ ପୁଅଙ୍କ ଶହୀଦ ହେବା ବିଷୟ ଜଣା ପଡ଼ିଲା , ସେତେବେଳେ ସେ ରାଣ ଖାଇଲେ ଯେ ସେ ନିଜେ ମୁସଲେମା କଜ୍ଜାବକୁ ସାମନା କରିବେ । ସେ ତାକୁ ମାରିଦେବେ ବା ନିଜେ ଈଶ୍ୱରଙ୍କ ମାର୍ଗରେ ଶହୀଦ ହୋଇଯିବେ ।

ଯେତେବେଳେ ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ ର ଅ ୟମାମା ନିମନ୍ତେ ସେନା ପ୍ରସ୍ତୁତି କଲେ ,ସେତେବେଳେ ହଜରତ୍ ଉମ୍ମେ ଅମ୍ମାରାଃ ର ଅ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟରେ ଉପସ୍ଥିତ ହୋଇ ଏହି ଯୁଦ୍ଧରେ ସାମିଲ ହେବା ପାଇଁ ଅନୁମତି ଲୋଡ଼ିଲେ । ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ କହିଲେ ଯେ ଆପଣଙ୍କ ପରି ମହିଳାଙ୍କୁ ଯୁଦ୍ଧ କ୍ଷେତ୍ରକୁ ବାହାରିବାରେ କୌଣସି ଜିନିଷ ପ୍ରତିବନ୍ଧକ ହେବା କଥା ନୁହେଁ । ତେଣୁ ଆପଣ ଅଲ୍ଲାଃଙ୍କ ନାମ ଧରି ବାହାରନ୍ତୁ । ସେହି ଯୁଦ୍ଧରେ ତାଙ୍କର ଆଉ ଗୋଟିଏ ପୁଅ ଅବ୍ଦୁଲ୍ଲାଃ ବି ଯୋଗ ଦେଇଥିଲା । ସେ ବର୍ଣ୍ଣନା କରୁଛନ୍ତି ଯେ ଯେବେ ଆମେମାନେ ୟମାମାରେ ପହଂଚିଲୁଁ ,ସେଠାରେ ଭିଷଣ ଯୁଦ୍ଧ ହେଲା । ଅନସାର୍

ମାନେ ସାହାଯ୍ୟ ପାଇବା ପାଇଁ ଡ଼ାକ ପକାଇଲେ, ମୁସଲମାନ ସାହାଯ୍ୟ କରିବା ପାଇଁ ପହଂଚିଲେ । ଯେବେ ଆମେମାନେ ବଗିଚାର ଦରବାଜା ନିକଟରେ ପହଂଚିଲୁଁ , ସେହି ବଗିଚାର ଫାଟକ ନିକଟରେ ଆକ୍ରମଣ ହୋଇଗଲା । ଆମ ଶତ୍ରୁମାନେ ବଗିଚାର ଗୋଟିଏ ପାର୍ଶ୍ୱରେ ଥିଲେ । ସେମାନେ ଯେଉଁ ପାର୍ଶ୍ୱରେ ଥିଲେ ସେଠାରେ ମୁସଲେମା କଜ୍ଜାବ୍ ବି ଥିଲା । ଆମେମାନେ ସେଠାରେ ଜୋର ଜବ୍ରଦସ୍ତି ପଶିଗଲୁ ଓ କିଛି ସମୟ ପର୍ଯ୍ୟନ୍ତ ଲଢ଼ିଲୁ । ଅଲ୍ଲାଃଙ୍କ ରାଣ ! ମୁଁ ତାଠାରୁ ଅଧିକୁ ନିଜକୁ ରକ୍ଷା କରୁଥିବା ଲୋକ ଆଉ କାହାକୁ ଦେଖିନାହିଁ । ସୁତରାଂ ମୁଁ ଅଲ୍ଲାଃଙ୍କର ଶତ୍ରୁ ମୁସଲେମା କଜ୍ଜାବ ଆଡ଼କୁ ମୁହାଁଇଲି ଯେ ମୁଁ ତାକୁ କିପରି ପାଇବି ଓ ଦେଖିବି । ମୁଁ ଅଲ୍ଲାଃଙ୍କ ନିକଟରେ ଏ ପ୍ରତିଜ୍ଞା କରିଥିଲି ଯେ ଯଦି ମୁଁ ତାକୁ ଦେଖିନିଏ ତାହେଲେ ମୁଁ ତାକୁ ଛାଡ଼ିବି ନାହିଁ । ତାକୁ ମାରିବି ବା ନିଜେ ମରିବି । ଲୋକମାନେ ପରସ୍ପର ଉପରକୁ ଆକ୍ରମଣ କରିବାକୁ ଲାଗିଲେ । ସେନାନଙ୍କ ତରବାରୀ ପରସ୍ପର ମଧ୍ୟରେ ମାଡ଼ ହେଉଥିଲା । ଏମିତି ଲାଗୁଥିଲା ସତେ ଯେପରି ସେମାନେ ଗୁଙ୍ଗା ହୋଇଯାଇଛନ୍ତି । କେବଳ ତରବାରୀ ବ୍ୟତୀତ ଆଉ କିଛି ସେମାନଙ୍କୁ ଶୁଭୁ ନାହିଁ । ଏହିପରି ପରିସ୍ଥିତିରେ ମୁଁ ଅଲ୍ଲାଃଙ୍କ ଶତ୍ରୁକୁ ଦେଖିନେଲି । ସୁତରାଂ ମୁଁ ତା ଉପରେ ଆକ୍ରମଣ କରିଦେଲି । ଏହି ସମୟରେ ଜଣେ ମୋ ସାମନାକୁ ଆସିଲା ଓ ମୋ ହାତ ଉପରକୁ ଚୋଟ ମାରି ମୋ ହାତକୁ କାଟିଦେଲା । ଅଲ୍ଲାଃଙ୍କ ରାଣ ! ମୁଁ ଏଇଥି ପାଇଁ ଟଳମଳ ହେଲି ନାହିଁ । କାରଣ ମୁଁ ସେହି ପିଶାଚ ନିକଟରେ ପହଂଚିବାକୁ ଚାହୁଁଥିଲି । ସେ ଭୂଇଁ ଉପରେ ପଡ଼ିଥିଲା । ମୁଁ ମୋ ପୁଅ ଅବ୍ଦୁଲ୍ଲାଃକୁ ସେଠାରେ ଦେଖିଲି । ସେ ତାକୁ ମାରି ଦେଇଥିଲା । ଆଉ ଏକ ରିଓ୍ୱାୟତରେ ଏପର ଉଲ୍ଲେଖ ରହିଛି ଯେ ହଜରତ୍ ଉମ୍ମେ ଅମ୍ମାରାଃ ବର୍ଣ୍ଣନା କରିଛନ୍ତି ଯେ ମୋ ପୁଅ ନିଜ ତରବାରୀକୁ କପଡ଼ାରେ ସଫା କରୁଥିଲା । ମୁଁ ତକୁ ପଚାରିଲି କ'ଣ ତୁମେ ମୁସଲେମା କଜ୍ଜାବକୁ ବଧ କରିଛ ? ସେ କହିଲା ହଁ ମୁଁ କରିଛି ହେ ମୋ ମାତା ! ମୁଁ ଅଲ୍ଲାଃଙ୍କ ସାମନାରେ ସଜଦାଃ ଶୁକର୍ କଲି(ଅର୍ଥାତ୍ କୃତଜ୍ଞତା ଜ୍ଞାପନ କରି ନତମସ୍ତକ ହେଲି)। ହଜରତ୍ ଉମ୍ମେ ଅମ୍ମାରାଃ ର ଅ କୁହନ୍ତି ଯେ ଅଲ୍ଲାଃ ତାଲା ଶତ୍ରୁର ମୂଳପୋଛ କରିଦେଲେ । ଯେବେ ଯୁଦ୍ଧ ଶେଷ ହେଲା,ଏବଂ ମୁଁ ମୋ ଘରକୁ ଲେଉଟିଲି ,ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ଜଣେ ଆରବୀୟ ବୈଦ୍ୟକୁ ଡ଼ାକି ମୋ ନିକଟକୁ ଆଣିଲେ । ସେ ଫୁଟା ତେଲ ଜରିଆରେ ମୋ ଚିକିତ୍ସା କଲେ । ଅଲ୍ଲାଃଙ୍କ ରାଣ ! ସେହି ଚିକିତ୍ସା ମୋ ପାଇଁ ମୋ ହାତ କାଟିବାଠାରୁ ବି ଅଧିକା କଷ୍ଟକର ଥିଲା । ହଜରତ୍ ଖାଲିଦ୍ ର ଅ ମୋର ବହୁତ ଧ୍ୟାନ ରଖୁଥିଲେ ଏବଂ ଆମ ସହିତ ଅତ୍ୟଧିକ ସହାନୁଭୂତି ଦେଖାଉଥିଲେ । ଆମ ହକ୍ ପ୍ରତି ସର୍ବଦା ତତ୍ପର ରହୁଥିଲେ ଏବଂ ଅମ ସମ୍ବନ୍ଧରେ ଥିବା ଆଁ ହଜରତ୍ ସ ଆ ସଙ୍କ ଓ୍ୱସିୟତ୍ ବିଷୟରେ ବି ଧ୍ୟାନ ଦେଉଥିଲେ । ଅବାଦ୍ କୁହନ୍ତି ମୁଁ ତାଙ୍କୁ କହିଲି ହେ ମୋ ଦାଦି (ଜେଜ ମା) ! ୟମାମା ଯୁଦ୍ଧରେ ଆହାତ ମୁସଲମାନ୍ ମାନଙ୍କ ସଂଖ୍ୟା ବହୁତ ଥିଲା । ମୁଁ ତାଙ୍କୁ ପଚାରିଲି । ସେ କହିଲେ ହଁ ହେ ମୋ ପିଲା ! ଅଲ୍ଲାଃଙ୍କ ଶତ୍ରୁ ନିପାତ ହେଲା । ମୁସଲମାନ୍ ସମସ୍ତେ ଆହାତ ହୋଇଥିଲେ । ମୁଁ ମୋ ଦୁଇ ଭାଇଙ୍କୁ ଏପରୁ ଆହାତ ଅବସ୍ଥାରେ ଦେଖିଲି ଯେ ,ସେମାନଙ୍କ ନିକଟରେ ଜୀବନର କୌଣସି ଆଶା ନାହିଁ । ଲୋକମାନେ ୟମାମାଠାରେ ପନ୍ଦର ଦିନ ପର୍ଯ୍ୟନ୍ତ ରହିଲେ । ଯୁଦ୍ଧ ଶେଷ ହୋଇସାରିଥିଲା । ଲୋକମାନେ ଆହାତ ହୋଇଯାଇଥିବା ଯୋଗୁଁ ଅନସାର୍ ଏବଂ ମୁହାଜିର୍ ମାନଙ୍କ ମଧ୍ୟରୁ ବହୁତ କମ୍ ସଂଖ୍ୟକ ଲୋକେ ହଜରତ୍ ଖାଲିଦ୍ ର ଅଙ୍କ ସାଥିରେ ନମାଜ ପଢୁଥିଲେ । ସେ କୁହନ୍ତି , ମୁଁ ଜାଣଛି ଯେ ବନୁ ତେଁ କବିଲାର ସେହି ଦିନ ଭଲଭାବରେ ପରିକ୍ଷା ନିଆଯାଇଥିଲା । ମୁଁ ସେହି ଦିନ ଅଦି ବିନ୍ ହାତିମ୍‌କୁ ଡ଼ାକ ଛାଡ଼ିବାର ଶୁଣିଛି ଯେ ସେ କହୁଥିଲା ଧୈର୍ଯ୍ୟ ଧର ଧୈର୍ଯ୍ୟ ଧର । ମୋ ମାଆ ବାପା ଆପଣମାନଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ମୋ ପୁଅ ଜୈଦ୍ ସେହିଦିନ ବହୁତ ବାହାଦୁରି ଦେଖାଇ ଲଢ଼ିଥିଲା ।

ଆଉ ଏକ ରିଓ୍ୱାୟତ୍ ରେ ଉଲ୍ଲେଖ ରହିଛି ଯେ ହଜରତ୍ ଉମ୍ମେ ଅମ୍ମାରାଃ ର ଅ ୟମାମା ଯୁଦ୍ଧ ଦିନ ଆହାତ ହୋଇଥିଲେ । ତାଙ୍କ ଶସରୀରେ ତରବାରୀ ତଥା କନ୍ତ ଦ୍ୱାରା ଏଗାରଟି ଆଘାତ ଲାଗିଥିଲା । ଏତତ୍‌ଭିନ୍ନ ତାଙ୍କର ଗୋଟିଏ ହାତ କଟି ଯାଇଥିଲା । ହଜରତ୍ ଅବୁ ବକର୍ ର ଅ ତାଙ୍କ ଅବସ୍ଥା ବିଷୟରେ ଜାଣିବା ପାଇଁ ତାଙ୍କ ନିକଟକୁ ଆସୁଥିଲେ । ସେହି ଦିନ କାଆବ୍ ବିନ୍ ଉଜରାଃ ବି ଭିଷଣ ଭାବେ ଲଢ଼ିଛନ୍ତି । ସେହି ଲୋକମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥିଲା । ଲୋକମାନେ ପରାସ୍ତ ହୋଇ ପଳାୟନ କଲେ ଏବଂ ସେନାର ଶେଷଭାଗକୁ ଚାଲିଗଲେ । କାଆବ ସେମାନଙ୍କୁ ଡ଼ାକିଲେ ହେ ଅନସାର୍ ! ହେ ଅନସାର୍ ! ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ସାହାଯ୍ୟ ନିମନ୍ତେ ଆସ ଏବଂ ଏହିପରି ସେ ଡ଼ାକ ଛାଡ଼ି ମୁହକ୍କିମ୍ ବିନ୍ ତୁଫୈଲ୍ ପର୍ଯ୍ୟନ୍ତ ପହଂଚିଗଲେ । ମୁହକ୍କିମ୍ ତାଙ୍କ ଉପରକୁ ଆକ୍ରମଣ କରିଲା ଏବଂ ତାଙ୍କ ବାମ ହାତଟିକୁ କାଟିଦେଲା । ଅଲ୍ଲାଃଙ୍କ ରାଣ ! କାଆବ୍ ଏହା ସତ୍ତ୍ୱେ ବି ଟଳମଳ ହେଲେ ନାହିଁ । ବରଂ ଡ଼ାହାଣ ହାତ ସାହାଯ୍ୟରେ ଆକ୍ରମଣ କରି ଚାଲିଥିଲେ । ଯଦିଓ ତାଙ୍କ ବାମ ହାତରୁ ରକ୍ତ ଝରୁଥିଲା । ଏହିପରି ଅବସ୍ଥାରେ ସେ ବଗିଚା ପର୍ଯ୍ୟନ୍ତ ପହଂଚିଗଲେ ଓ ସେଥିରେ ପ୍ରବେଶ ହୋଇଗଲେ । ହାଜିବ୍ ବିନ୍ ଜୈଦ୍ ଅଓସ୍ କବିଲାକୁ ଡ଼ାକି କହୁଥିଲେ :ହେ ଅଶହଲ୍ ! ଏଥିରେ ସାବିତ କହିଲେ ଏମିତି ଡ଼ାକ ହେ ଅନସାର୍ ! ସେମାନେ ଆମର ଓ ତୁମର ଉଭୟଙ୍କର ସେନା । ଏଥିରେ ସେ କହିଲେ ହେ ଅନସାର୍ ! ହେ ଅନସାର୍ ! । ଏପରିକି ବନୁ ହନିଫା ତାଙ୍କ ଉପରେ ଆକ୍ରମଣ କରିଦେଲା । ଲୋକମାନେ ଛିନ୍ନଛତ୍ର ହୋଇଗଲେ । ସେ ଦୁଇଜଣ ଶତ୍ରୁଙ୍କୁ ବଧ କଲେ । ପୁଣି ନିଜେ ବି ଶହୀଦ ହୋଗଲେ । ତାଙ୍କ ସ୍ଥାନକୁ ଉମୈର୍ ବିନ୍ ଅଓସ୍ ଅକ୍ତିଆର କଲେ ଅର୍ଥାତ ତାଙ୍କ ଯାଗାକୁ ନେଲେ । ତାଙ୍କ ଉପରେ ବି ଶତ୍ରୁ ଆକ୍ରମଣ କଲେ । ସୁତରାଂ ସେ ବି ଶହୀଦ୍ ହୋଇଗଲେ । ପୁଣି ଅବୁ ଅକିଲ୍ ଙ୍କ ସମ୍ବନ୍ଧରେ ଆସୁଅଛି ଯେ ଅବୁ ଅକିଲ୍ ଅନସାରମାନଙ୍କ ସହଯୋଗୀ ଥିଲେ । ସେ ୟମାମା ଯୁଦ୍ଧ ଦିନ ସର୍ବପ୍ରଥମେ ଯୁଦ୍ଧ କରିବା ପାଇଁ ବାହାରିଲେ । ତାଙ୍କୁ ଗୋଟିଏ ତୀର ଆସି ଲାଗିଲା । ସେହି ତୀରଟି ତାଙ୍କ କାନ୍ଧକୁ ଚିରି ତାଙ୍କ ହୃତପିଣ୍ଡ ପର୍ଯ୍ୟନ୍ତ ପହଂଚିଗଲା । ସେ ସେହି ତୀରଟିକୁ ହାତରେ ଭିଡ଼ି ବାହାର କରିଦେଲେ । ସେହି ତୀର ମାଡ଼ରେ ସେ ବହୁତ ଦୃବଳ ହୋଇଗଲେ । ତା ପରେ ସେ ମାଆନ୍ ବିନ୍ ଅଦିଙ୍କୁ ଏହା କହୁଥିବାର ଶୁଣାଯାଇଛି ଯେ ସେ କହୁଥିଲେ । ହେ ଅନସାରମାନେ ! ଶତ୍ରୁମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଫେରିଯାଅ । ଅବୁ ଅମରୋ କୁହନ୍ତି : ଅବୁ ଅକିଲ୍ ନିଜ ଲୋକମାନଙ୍କ ନିକଟକୁ ଯିବା ପାଇଁ ଉଠିଲେ । ମୁଁ ତାଙ୍କୁ ପଚାରିଲି ହେ ଅବୁ ଅକିଲ୍ ! ତୁମର ଏବେ କଣ ଇଛା ? ଆପଣ ଯୁଦ୍ଧ କରିବାକୁ ଏବେ ସାହସ ରଖିନାହାନ୍ତି । ବହୁତ ଦୃବଳ ହୋଇଯାଇଛନ୍ତି । ସେ ଉତରରେ କହିଲେ ଯେ ମତେ ଜଣେ ମୋ ନାଁ ଧରି ଡ଼ାକୁଛି । ମୁଁ ତାଙ୍କୁ କହିଲି ସେ ତ କେବଳ ଅନସାରମାନଙ୍କ ନାଁ ଧରି ଡ଼ାକିଛି । ସେ ଆହାତ ମାନଙ୍କୁ ଡ଼ାକିନାହାନ୍ତି । ଏଥିରେ ଅବୁ ଅକିଲ୍ ଉତର ଦେଲେ ଯେ ମୁଁ ବି ଅନସାରମାନଙ୍କ ମଧ୍ୟରୁ ଜଣେ । ମୁଁ ନିଶ୍ଚିତ ରୂପେ ଉତର ଦେବି । ଅନ୍ୟମାନେ କେତେ ଦୃବଳ ମନେ କରନ୍ତୁ ନା କାହିଁକି । ଇବନେ ଉମର୍ କୁହନ୍ତି : ଅବୁ ଅକିଲ୍ ସାହାସ କରି ଉଠିଲେ । ନିଜ ଡ଼ାହାଣ ହାତରେ ମୁକୁଳା ତରବାରୀ ଧରିଲେ । ତାପରେ ଡ଼ାକଛାଡ଼ି କହିଲେ ହେ ଅନସାର୍ ! ହୁନୈନ୍ ଯୁଦ୍ଧ ଭଳି ପାଲଟା ଆକ୍ରମଣ କରିଦିଅ । ସୁତରାଂ ସମୋନେ ସମସ୍ତେ ଏକାଠି ହୋଇଗଲେ ଏବଂ ଶତ୍ରୁମାନଙ୍କ ସମ୍ମୁଖରେ ମୁସଲମାନମାନଙ୍କର ଢ଼ାଲ ହୋଇ ଛିଡ଼ା ହୋଇଗଲେ । ଏପରିକି ସେମାନେ ଶତ୍ରୁପକ୍ଷକୁ ବଗିଚା ଭିତରେ ପୁରାଇଦେଲେ । ସେମାନେ ପରସ୍ପର ମଧ୍ୟରେ ମିଶିଗଲେ । ଅର୍ଥାତ୍ ଭିତରକୁ ଯାଇ ପୁଣି ଭିଷଣ ଯୁଦ୍ଧ ହେଲା । ତରବାରୀ ପରସ୍ପର ମଧ୍ୟରେ ମାରାମାରି ହେଲେ । ମୁଁ ଅବୁ ଅକିଲ୍‌ଙ୍କୁ ଦେଖିଲି ଯେ ତାଙ୍କ ଆଘାତପ୍ରାପ୍ତ କାନ୍ଧରୁ କଟିଗଲା ଓ ସେହି ହାତଟି ଛିଣ୍ଡି ତଳେ ପଡ଼ିଥିଲା । ତାଙ୍କୁ ଚଉଦଟି କ୍ଷତ ପହଂଚିଥିଲା । ସେହି କ୍ଷତ ଯୋଗୁଁ ସେ ଶହୀଦ ହୋଇଗଲେ । ଇବନେ ଉମର୍ କୁହନ୍ତି ଯେ ମୁଁ ଯେତେବେଳେ ଅବୁ ଅକିଲ୍‌ଙ୍କ ନିକଟରେ ପହଂଚିଲି,ଦେଖିଲି ଯେ ତାଙ୍କର ସେ ଭୂଇଁରେ ପଡ଼ିଥିଲେ ଓ ଶେଷ ନିଶ୍ୱାସ ନେଉଥିଲେ । ମୁଁ ତାଙ୍କୁ କହିଲି ହେ ଅବୁ ଅକିଲ୍ ! ସେ ଖନିମାରି ହୋଇ କହିଲେ, ଲବ୍‌ବେକ୍ (ଅର୍ଥାତ୍ ମୁଁ ଉପସ୍ଥିତ ଅଛି)। ତାପରେ ସେ ପଚାରିଲେ କିଏ ହାରିଲା ? ମୁଁ ବଡ଼ ପାଟିରେ କହିଲି ଖୁସିର ଖବର ଅଲ୍ଲାଃଙ୍କ ଶତ୍ରୁ ମୁସଲେମାଃ କଜ୍ଜାବକୁ ବଧ କରାଯାଇଅଛି । ସେ କହିଲେ ଅଲହମ୍‌ଦୁ ଲିଲ୍ଲାଃ (ଅର୍ଥାତ ସକଳ ପ୍ରସଂସାର ପାତ୍ର ହେଉଛନ୍ତି ଅଲ୍ଲାଃତାଲା)କହି ନିଜର ଆଙ୍ଗୁଳିକୁ ଆକାଶ ଆଡ଼କୁ ଉଠାଇଲେ ,ତାପରେ ମୃତ୍ୟୁ ବରଣ କଲେ । ଇବନେ ଉମର୍ କୁହନ୍ତି ଯେ ମୁଁ ମୋ ବାପା ହଜରତ୍ ଉମର୍ ର ଅ ଙ୍କୁ ତାଙ୍କର ଏହି ସମସ୍ତ ଘଟଣାବଳୀ ଶୁଣାଇଲି । ସେ ଶୁଣି କହିଲେ ଅଲ୍ଲାଃ ତାଙ୍କ ଉପରେ ଦୟା କରନ୍ତୁ । ସେ ସର୍ବଦା ଶହୀଦ୍ ହେବା ପାଇଁ ଇଚ୍ଛା ପୋଷଣ କରିଆସୁଥିଲେ ଏବଂ ମୋ ଜ୍ଞାନ ଅନୁଯାୟୀ ସେ ରସୁଲେ କରିମ୍ ସ ଆ ସ ଙ୍କ ଦ୍ୱାରା ଚୟନ କରାଯାଇଥିବା କେତେକ ମନୋନୀତ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ସେମାନଙ୍କ ମଧ୍ୟରେ ଇସଲାମ ଗ୍ରହଣ କରିଥିବା ପୁରୁଣା ଲୋକ ଥିଲେ ।

ମୁଜାଆ ବିନ୍ ମୁରାରାଃ ବନୁ ହନିଫାର ସର୍ଦ୍ଦାର ଥିଲା । ତା ବିଷୟରେ ପୂର୍ବରୁ ଚର୍ଚ୍ଚା କରାସରିଛି । ସେ ଦିନେ ମାଆନ୍ ବିନ୍ ଅଦି ବିଷୟରେ କହିଲେ ଯେ ସେ ରସୁଲେ କରିମ୍ ସ ଆ ସ ଙ୍କ ସମୟରେ ମୋ ନିକଟକୁ ଆସନ୍ତି । କାରଣ ତାଙ୍କ ସହିତ ମୋର ପୁରୁଣା ବନ୍ଧୁତ୍ୱ ଥିଲା ସେଥିଯୋଗୁଁ ସେ ମୋ ପାଖକୁ ଆସନ୍ତି । ମୁଜାଆ କୁହନ୍ତି ଯେ ଯେବେ ସେ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ୟମାମା ଯୁଦ୍ଧ ଶେଷ ହେବା ପରେ ଗୋଟିଏ ପ୍ରତିନିଧି ମଣ୍ଡଳୀରେ ଆସିଲେ, ସେହି ସମୟରେ ଏକଦା ହଜରତ୍ ଅବୁ ବକର୍ ର ଅ ଦିନେ ଶହୀଦ ହୋଇଯାଇଥିବା ଲୋକମାନଙ୍କ କବର ପରିଦର୍ଶନରରେ ନିଜ ସାଥିମାନଙ୍କ ସହିତ ବାହାରିଥିଲେ । ମୁଁ ବି ସେମାନଙ୍କ ସହିତ ବାହାରିଲି । ସେହି ଦିନ ହଜରତ୍ ଅବୁ ବକର୍ ର ଅ ନିଜ ସାଥିମାନଙ୍କ ସହିତ ସତୁରୀଟି କବର ନିକଟକୁ ଗଲେ । ମୁଁ କହିଲି ହେ ରସୁଲଙ୍କ ଖଲିଫା ! ମୁଁ ୟମାମା ଯୁଦ୍ଧରେ ସାମିଲ୍ ହୋଥିବା ସାହାବାମାନଙ୍କଠାରୁ ଅଧିକା ଆଉ କାହାକୁ ତରବାରୀର ଆଘାତ (ପ୍ରହାର)ସାମନାରେ ଦୃଢ଼ତାର ସହିତ ଦଣ୍ଡାୟମାନ ଥିବାର ଦେଖିନାହିଁ କି ସେମାନଙ୍କ ଅପେକ୍ଷା ଅଧିକା ଭୟଙ୍କର ଆକ୍ରମଣ କରୁଥିବା କାହକୁ ଦେଖିନାହିଁ । ସେମାନଙ୍କ ମଧ୍ୟରୁ ମୁଁ ଜଣକୁ ଏମିତି ଦେଖିବାକୁ ପାଇଲି । ଅଲ୍ଲାଃ ତାଙ୍କ ଉପରେ ଦୟା କରନ୍ତୁ । ଆମେ ଦୁଇଜଣ ବନ୍ଧୁ ଥିଲୁଁ । ହଜରତ୍ ଅବୁ ବକର୍ ର ଅ କହିଲେ (ଆପଣ ତାଙ୍କୁ ଚିହ୍ନିଲେ ତ)ସେ ଥିଲେ ମାଆନ୍ ବିନ୍ ଅଦି ? ମୁଁ କହିଲି ହଁ । ହଜରତ୍ ଅବୁ ବକର୍ ର ଅ ଆମ ବନ୍ଧୁତ୍ୱକୁ ଜାଣିଥିଲେ । ହଜରତ୍ ଅବୁ ବକର୍ ର ଅ କହିଲେ ଅଲ୍ଲାଃ ତାଙ୍କ ଉପରେ କୃପା/ଦୟା କରନ୍ତୁ । ତୁମେ ଜଣେ ଧାର୍ମିକ ଲୋକ ବିଷୟରେ କହିଲ । ମୁଁ କହିଲି ହେ ରସୁଲଙ୍କ ଖଲିଫା ! ସତେ ଯେପରି ମୁଁ ତାଙ୍କୁ ମୋ କଳ୍ପନାର ଆଖିରେ ଦେଖୁଅଛି । ମୁଁ ସେତେବେଳେ ଖାଲିଦ୍ ବିନ୍ ଓ୍ୱଲିଦଙ୍କ ତମ୍ବୁ ଭିତରେ ବନ୍ଧା ହୋଇଥିଲି । ମୁସଲମାନ ମାନଙ୍କ ପାଦ ଉଖୁଡ଼ିଯାଇଥିଲା । ଏତେ ମାତ୍ରାରେ ସେମାନେ ଦବି ଯାଇଥିଲେ ଯେ ,ମୁଁ ଭାବିଲି ସେମାନେ ଆଉ ପୁନର୍ବାର ଏକାଠି ହୋଇପାରିବେ ନାହିଁ । ମୁଁ ଏହାକୁ ଖରାପ ଭାବିଲି । ହଜରତ୍ ଅବୁ ବକର୍ ର ଅ କହିଲେ ଅଲ୍ଲାଃଙ୍କ ରାଣ ! କ'ଣ ପ୍ରକୃତରେ ଏହା ତୁମକୁ ଖରାପ ଲାଗିଥିଲା ? କାରଣ ସେ ମୁରତଦ୍ (ଅର୍ଥାତ ନିଜ ଧର୍ମକୁ ପରିତ୍ୟାଗ କରି ବିଦ୍ରୋହୀ)ହୋଇଯାଇଥିଲେ ତେଣୁ ତାଙ୍କୁ କଏଦ କରାଯାଇଥିଲା । ସେ ଯାହା ବି ହେଉ ସେ କୁହନ୍ତି ମୁଁ କହିଲି ଯେ ଅଲ୍ଲାଃଙ୍କ ରାଣ ଖାଇ କହୁଛି ! ମୋତେ ତାହା ଖରାପ ଲାଗିଥିଲା । ହଜରତ୍ ଅବୁ ବକର୍ ର ଅ କହିଲେ ଏଇଥିପାଇଁ ମୁଁ ଅଲ୍ଲାଃଙ୍କ ପ୍ରଶଂସାଗାନ କରୁଅଛି ।

ମୁଜାଆ କୁହନ୍ତି ମୁଁ ମାଆନ୍ ବିନ୍ ଅଦିଙ୍କୁ ଦେଖିଲି ଯେ ସେ ତାଙ୍କ ମୁଣ୍ଡରେ ଲାଲ୍ ରଙ୍ଗର କପଡ଼ା ପିନ୍ଧି ଲେଉଟି ପୁଣି ଆକ୍ରମଣ କରଥିଲେ । ସେ ତରବାରୀକୁ କାନ୍ଧ ଉପରେ ରଖିଥିଲେ । ସେଥିରୁ ରକ୍ତ ଟପକୁଥିଲା । ସେ ଡ଼ାକଛାଡୁଥିଲେ ହେ ଅନସାର୍ ମାନେ ! ପୁରା ଶକ୍ତି ଲଗାଇ ଆକ୍ରମଣ କର । ମୁଜାଆ କୁହନ୍ତି ଯେ ଅନସାର ପାଲଟା ଆକ୍ରମଣ କଲା ଏବଂ ଏମିତି ଭିଷଣ ଭାବରେ ଆକ୍ରମଣ କଲା ଯେ ଶତ୍ରୁ ପକ୍ଷର ପାଦ ଟଳମଳ ହୋଇଗଲା । ମୁଁ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କ ସାଥିରେ ଚକର ମାରୁଥିଲି । ମୁଁ ବନୁ ହନିଫାର ବଧ ହୋଇଥିବା ଲୋକମାନଙ୍କୁ ଚିହ୍ନି ଥିଲି । ମୁଁ ସେହି ଶହୀଦ୍ ଅନସାରମାନଙ୍କୁ

ବି ଦେଖୁଥିଲି ଯେଉଁମାନେ ଶହୀଦ୍ ହୋଇ ଭୂମିଷ୍ଠ ହୋଇଥିଲେ । ଏକଥା ଶୁଣି ହଜରତ୍ ଅବୁ ବକର୍ ର ଅ କାନ୍ଦି ପକାଇଲେ । ଏତେ କାନ୍ଦିଲେ ଯେ ତାଙ୍କ ପବିତ୍ର ଦାଢ଼ି ଲୁହରେ ଭିଜିଗଲା ।

ଅବୁ ସଇଦ୍ ଖୁଦରୀ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ଜୋହର୍ ନମାଜର ସମୟ ହେଲା,ସେତେବେଳେ ମୁଁ ବଗିଚାରେ ପ୍ରବେଶ କଲି ଓ ଭିଷଣ ଯୁଦ୍ଧ ଚାଲିଥିଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ମୁଅଜ୍ଜିନ୍ ସାହେବଙ୍କୁ ନିର୍ଦ୍ଦେଶ ଦେଲେ । ସେ ସେହି ବଗିଚାର କାନ୍ଥ ନିକଟରେ ଜୋହର୍ ଆଜାନ୍ ଦେଲେ । ଲୋକମାନେ ଲଢ଼େଇ ଚାଲିଥିବା ଯୋଗୁଁ ଚିନ୍ତିତ ଥିଲେ । ଯୁଦ୍ଧ ଅସର୍ ପରେ ଶେଷ ହୋଇଗଲା । ପୁଣି ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଆମମାନଙ୍କୁ ଜୋହର୍ ଏବଂ ଅସର୍ ନମାଜ ପଢ଼ାଇଲେ । ପୁଣି ସେ ଯୁଦ୍ଧ ପୀଡ଼ିତାଙ୍କ ନିକଟକୁ ପାଣି ପିଆଉଥିବା ଲୋକମାନଙ୍କୁ ପଠାଇଲେ । ମୁଁ ତାଙ୍କ ସାଙ୍ଗରେ ଘୂରି ବୁଲୁଥିଲି । ମୁଁ ଯେବେ ଅବୁ ଅକିଲ୍ ଙ୍କ ନିକଟ ଦେଇ ଯାଉଥିଲି ,ଦେଖିଲି ତାଙ୍କ ଦିହରେ ପନ୍ଦରଟି କ୍ଷତ ଲାଗିଥିଲା । ସେ ମତେ ପାଣି ମାଗିଲେ । ମୁଁ ଯେବେ ତାଙ୍କୁ ପାଣି ପିଆଇଲି ଦେଖିଲି ଯେ ତାଙ୍କ ଦିହର କ୍ଷତ ବାଟ ଦେଇ ପାଣି ବହିଗଲା ଏବଂ ସେ ଶହୀଦ୍ ହୋଇଗଲେ । ମୁଁ ବିଶର୍ ବିନ୍ ଅବ୍ଦୁଲ୍ଲାଃଙ୍କ ନିକଟଦେଇ ଗଲି । ସେ ନିଜ ସ୍ଥାନରେ ବସିଥିଲେ । ସେ ମତେ ପାଣି ମାଗିଲେ । ମୁଁ ତାଙ୍କୁ ପାଣି ପିଇବାକୁ ଦେଲି । ତାପରେ ସେ ମଧ୍ୟ ଶହୀଦ୍ ହୋଇଗଲେ ।

ମହମୁଦ୍ ବିନ୍ ଲବିଦ୍ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ହଜରତ୍ ଖାଲିଦ୍ ର ଅ ୟମାମାର ଅଧିବାସୀଙ୍କୁ ବଧ କଲେ, ସେଠାରେ ମୁସଲମାନ୍ ବି ସେହି ଯୁଦ୍ଧରେ ବହୁ ସଂଖ୍ୟାରେ ଶହୀଦ ହୋଇଥିଲେ । ଏପରିକି ରସୁଲୁଲ୍ଲାଃ ସ ଆ ସ ଙ୍କ ଅଧିକାଂଶ ସାହାବା ଶହୀଦ୍ ହୋଇଯାଇଥିଲେ ଏବଂ ମୁସଲମାନ୍ ମାନଙ୍କ ମଧ୍ୟରୁ ଯେଉଁମନେ ଜୀବିତ ବଂଚିଗଲେ, ସେମାନଙ୍କ ମଧ୍ୟରେ ଅଧିକାଂଶ ଆହାତ ହୋଇଯାଇଥିଲେ । **(ଅଲଇକତିଫାଅ,ଖ-୦୨,ଭା-୦୧, ପୃ-୫୭-୬୬ ଆଲିମୁଲ୍ କୁତୁବ୍ ବେରୁତ୍ ୦-୧୯୯୭)(ସିରସ୍ ସାହାବିୟାତ୍ ଅଜ୍ ସଈଦ୍ ଅନସାରୀ ପୃ-୧୨୨ ମୁଶତାକ୍ ବୁକ୍ କର୍ଣ୍ଣର୍ ଲାହୋର୍)(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଅଓର୍ କାରନାମେ ଅଜ୍ ସିଲାବି ପୃ-୩୪୯ ଫୁରକାନ୍ ଷ୍ଟ୍ରିଟ୍ ଖାନ୍‌ଗଢ଼୍ ପାକିସ୍ତାନ୍ )**

ଯେବେ ହଜରତ୍ ଖାଲିଦ୍ ର ଅଙ୍କୁ ମୁସଲେମାକୁ ହତ୍ୟା କରାଯାଇଥିବାର ଖବର ମିଳିଲା ,ସେ ମୁଜ୍ଜାଆକୁ ବେଡ଼ିରେ ବାନ୍ଧି ସାଥିରେ ଏଇଥିପାଇଁ ଘେନି ଆଣିଲେ ଯେ ସେ ମୁସଲେମା କଜ୍ଜାବକୁ ଚିହ୍ନାଇ ପାରିବ । ସେ ଶବଗୁଡ଼ିକୁ ଦେଖିଚାଲିଲେ କିନ୍ତୁ ସେଠାରେ ମୁସଲେମା ମିଳିଲା ନାହିଁ । ପୁଣି ସେ ବଗିଚାରେ ପଶିଲେ ,ଦେଖିବାକୁ ପାଇଲେ ଯେ ଅଳ୍ପ ଉଚ୍ଚତା ବିଷିଷ୍ଟ , ଲାଲ ରଙ୍ଗ ଏବଂ ଚିନି ଲୋକମାନଙ୍କ ପରି ନାକ ରଖିଥିବା ଗୋଟିଏ ଲାଶ୍ (ଶବ) ପଡ଼ିଛି । ମୁଜ୍ଜାଆ କହିଲେ ଯେ ଇଏ ହେଉଛି ମୁସଲେମା କଜ୍ଜାବ୍ ,ଯାହାଠାରୁ ତୁମକୁ ମୁକ୍ତି ମିଳିସାରିଛି । ତାପରେ ହଜରତ୍ ଖାଲିଦ୍ ର ଅ କହିଲେ ଇଏ ହେଉଛି ସେହି ଲୋକ ଯିଏ ତୁମ ସହିତ ଏସବୁ କିଛି କରିଛି । ମୁଜ୍ଜାଆ ଯେହେତୁ କଏଦ୍ ଥିଲେ,ବନୁ ହନିଫାର ପ୍ରତିନିଧି ଥିଲେ,ସର୍ଦାର୍ ଥିଲେ , ସେଇଥିପାଇଁ ତାକୁ ବଂଚାଇବାକୁ ବି ଚାହୁଁଥିଲେ । ଅଧିକାଂଶ ପୁରୁଷ ମରିଯାଇଥିଲେ । କିନ୍ତୁ ସେ ଗୋଟିଏ ଚାଲ୍ ଚାଲିଲା । ଦୁର୍ଗରେ ବନ୍ଦୀ ଥିବା ଅବଶିଷ୍ଟ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସେ ପ୍ରତାରଣା କରିଥିଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ସହିତ ଗୋଟିଏ ଶାନ୍ତି ଚୁକ୍ତି କଲା । ସେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ କହିଲା ଯେ ତୁମ ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରିଥିବା ଏହି ଲୋକମାନେ କେବଳ ତତ୍ପର ଲୋକଥିଲେ । ଯେବେ କି କିଲ୍ଲା (ଦୁର୍ଗ)ଟି ଏବେ ବି ଯୋଦ୍ଧାମାନଙ୍କ ଦ୍ୱାରା ଭରିରହିଛି । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ କହିଲେ ତୁମେ ବିନିଷ୍ଟ ହୋଇଯାଅ । ତୁମେ ଇଏ କ'ଣ କହୁଛ ? ଏଥିରେ ମୁଜ୍ଜାଆ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ଯାହା ବି କହୁଛି ସତ୍ୟ କହୁଅଛି । ତେଣୁ ଆସନ୍ତୁ ଓ ମୋ ପଛରେ ଥିବା ମୋ କୌମ୍ ତରଫରୁ ମୋ ସହିତ ସୁଲାହ୍ (ଶାନ୍ତି ଚୁକ୍ତି)କରିନିଅ । ସେ ଧୋକାରେ ଏମିତି କହିଛି । ସେ ଯାହା ବି ହେଉ ଆଗକୁ ଏହାର ସ୍ୱଷ୍ଟିକରଣ ବି ହୋଇଯିବ । ମୁସଲମାନ୍ ମାନଙ୍କ ଯେପରି ଜୀବନ ହାନୀ ହୋଇଥିଲା,ତହା ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଦେଖିସାରିଥିଲେ । ତାହା ଦୃଷ୍ଟି ଆଗରେ ରଖି ସେ ଏହା ଉଚିତ ମଣିଲେ ଯେ ଏବେ ଯେହେତୁ ବନୁ ହନିଫାର ସର୍ଦ୍ଦାର୍ ଓ ଅସଲ ବିଦ୍ରୋହୀ ନେତା ନିଜ ସାଥିମାନଙ୍କ ସହିତ ମରିସାରିଛନ୍ତ ,ତେଣୁ ଏବେ ମୁସଲମାନଙ୍କର ଆଉ ଅଧିକା ଜୀବନ ହାନୀ ନ ହେଉ । ସୁତରାଂ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସୁଲ୍ହା(ଶନ୍ତି ଚୁକ୍ତି)କରିବା ପାଇଁ ରାଜି ହୋଇଗଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ତରଫରୁ ସୁଲାହ୍ ଜମାନତ୍ ଧରି ମୁଜ୍ଜାଆ କହିଲା ମୁଁ ସେମାନଙ୍କ ନିକଟକୁ ଯାଇ ସେମାନଙ୍କ ସହିତ ପରାମର୍ଶ କରୁଛି । ତାପରେ ସେ ସେମାନଙ୍କ ନିକଟକୁ ଗଲେ । ଯଦିଓ ମୁଜ୍ଜାଆ ଭଲ ଭାବରେ ଏକଥା ଜାଣିଥିଲେ ଯେ କିଲ୍ଲା ଭିତରେ ମହିଳା ,ଛୋଟ ଛୋଟ ପିଲା ଏବଂ ବୟସ୍କ ବୃଦ୍ଧ ଲୋକମାନଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ । ସେ ସେମାନଙ୍କୁ ଜର୍ରାଃ (ଯୁଦ୍ଧ ପାଇଁ ସାଞ୍ଜୁବସ୍ତ୍ର) ପିନ୍ଧାଇଲେ ଏବଂ ମହିଳାମାନଙ୍କୁ କହିଲେ ଯେ ମୋ ଫେରିବା ପର୍ଯ୍ୟନ୍ତ କିଲ୍ଲା କାନ୍ଥ ଉପରେ ଚଢ଼ି ରହନ୍ତୁ । ତାପରେ ସେ ହଜରତ୍ ଖାଲିଦ୍ ର ଅଙ୍କ ନିକଟକୁ ଆସି କହିଲା ଯେ ଯେଉଁ ସର୍ତ୍ତ ରଖି ମୁଁ ସେମାନଙ୍କ ସହିତ ସୁଲାହ୍ କରିଥିଲି ସେମାନେ ତାହା ଗ୍ରହଣ କରୁ ନାହାନ୍ତି । ଯେବେ ହଜରତ୍ ଖାଲିଦ୍ ର ଅ କିଲ୍ଲା ଆଡ଼କୁ ଦେଖିଲେ, କିଲ୍ଲାଟି ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ପାଇଲେ । ସେ ସେଠାରେ ଜର୍ରାଃ ପିନ୍ଧାଇ ମହିଳାମାନଙ୍କୁ ବସାଇ ଆସିଥିଲା । ଏହି ଯୁଦ୍ଧ ମୁସଲମାନଙ୍କୁ ବହୁତ କ୍ଷତି ପହଂଚାଇଥିଲା । ଯୁଦ୍ଧ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିଥିଲା । ସେଥି ଯୋଗୁଁ ମୁସଲମାନ୍ ମାନେ ଏହା ଚାହୁଁଥିଲେ ଯେ ସେମାନେ ବିଜୟ ପ୍ରାପ୍ତ କରି ଫେରି ଯାଆନ୍ତୁ । କାରଣ ତାଙ୍କୁ ଏହା ଜଣାନଥିଲା ଯେ ଆସନ୍ତାକୁ କ'ଣ ହେବାକି ଯାଉଛି । ସେଥି ସକାଶେ ହଜରତ୍ ଖାଲିଦ୍ ର ଅ ଅପେକ୍ଷାକୃତ ମୃଦୁ ସର୍ତାବଳି ରଖି ସୁନା , ରୂପା ,ଯୁଦ୍ଧାସ୍ତ୍ର ଏବଂ ଅଧା କଏଦି ମୁକ୍ତ କରିବା ସର୍ତରେ ସୁଲାହ୍ କରିନେଲେ । ଏକଥା ବି କୁହାଯାଏ ଯେ ଏକ ଚତୁର୍ଥାଂଶରେ ସୁଲାହ୍ କରିଥିଲେ । ଯେବେ କିଲ୍ଲାର ଫାଟକକୁ ଖୋଲାଗଲା, ଦେଖିଲେ ଯେ ମହିଳା,ପିଲା ତଥା ଦୁର୍ବଳ ଲୋକମାନଙ୍କ ବ୍ୟତୀତ ଆଉ କେହି ନଥିଲେ । ଏହା ଦେଖି ହଜରତ୍ ଖାଲିଦ୍ ର ଅ ମୁଜ୍ଜାଆକୁ କହିଲେ ତୁମର ବୁଦ୍ଧି ଭ୍ରଷ୍ଟ ହେଉ । ତୁମେ ମତେ ଧୋକା ଦେଲ , ପ୍ରତାରଣା କଲ । ମୁଜ୍ଜାଆ କହିଲେ ସେମାନେ ମୋ କୌମର ଲୋକ ଥିଲେ । ସେମାନଙ୍କୁ ବଂଚାଇବା ମୋ ପାଇଁ ଜରୁରୀ ଥିଲା । ଏତତବ୍ୟତୀତ ମୁଁ ଆଉ କ'ଣ କରିପାରି ଥାଆନ୍ତି । ତାପରେ ହଜରତ୍ ଅବୁ ବକର୍ ର ଅ ଙ୍କ ଚିଠି ହଜରତ୍ ଖାଲିଦ୍ ର ଅଙ୍କ ନିକଟରେ ପହଂଚିଲା ଯେ ସେଠାରେ ଥିବା ପ୍ରତ୍ୟେକ ସାବାଳକଙ୍କୁ ହତ୍ୟା କରିଦିଆଯାଉ । କିନ୍ତୁ ଏହି ଚିଠିଟି ସେତେବେଳେ ପହଂଚିଲା ଯେତେବେଳେ ହଜରତ୍ ଖାଲିଦ୍ ର ଅ ସେମାନଙ୍କ ସହିତ ସୁଲାହ୍ କରିସାରିଥିଲେ । ସେଥି ଯୋଗୁଁ ସେମାନେ ନିଜ ପ୍ରତିଜ୍ଞାକୁ /ପ୍ରତିଶୃତିକୁ ପୂରଣ କଲେ । ଚୁକ୍ତି ଭଙ୍ଗ କଲେନାହିଁ । (ଅଲକାମିଲ୍ ଫିତ୍ ତାରିଖ୍ ଲେ ଇବନେ ଅସିର୍ ଖ-୦୨, ପୃ-୨୨୨-୨୨୩ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬)

ହଜରତ୍ ଖାଲିଦ୍ ର ଅ ତାଙ୍କ ଜୀବନକୁ କ୍ଷମା ଦେଇଦେଇଥିଲେ । ଅତଃ ହଜରତ୍ ଖାଲିଦ୍ ର ଅ ମୁସଲମାନମାନଙ୍କ ଅବସ୍ଥା ଏବଂ ସୁଲାହର କାରଣ ବତାଇବା ପାଇଁ ହଜରତ୍ ଅବୁ ବକର୍ ର ଅଙ୍କ ଆଡ଼କୁ ଗୋଟିଏ ଚିଠି ଲେଖି ପଠାଇଲେ । ଯାହାକୁ ପଢ଼ି ହଜରତ୍ ଅବୁ ବକର୍ ର ଅ ସନ୍ତୁଷ୍ଟ ହେଲେ ଏବଂ ଖୁସି ବ୍ୟକ୍ତକଲେ । ଯେବେ ହଜରତ୍ ଖାଲିଦ୍ ର ଅ ସୁଲାହ୍ କାର୍ଯ୍ୟକୁ ସମ୍ପାଦନ କଲେ , ନିଜ କିଲ୍ଲା ସମ୍ପର୍କରେ ନିର୍ଦ୍ଦେଶ ଦେଲେ ଯେ ସେଠାରେ କିଛି ଲୋକଙ୍କୁ ମୃତୟନ କରାଯାଉ । ସୁତରାଂ ସେହିପରି କରାଗଲା । ମୁଜ୍ଜାଆ ଅଲ୍ଲାଃଙ୍କ ରାଣ ଖାଇଲେ ଯେ ଯେଉଁ ସବୁ କଥା ଉପରେ ସର୍ତ୍ତ ରଖାଯାଇ ସୁଲାହ୍ କରାଯାଇଛି, ସେଥି ମଧ୍ୟରୁ କୌଣସି ବି ବିଷୟ ଆପଣଙ୍କ ନିକଟରୁ ଲୁଚି ରହିବ ନାହିଁ ଏବଂ ଯିଏ ବି କୌଣସି ଗୋପନ କଥାକୁ ଜାଣିଥିବ ତା ବିଷୟରେ ହଜରତ୍ ଖାଲିଦ୍ ର ଅଙ୍କୁ ଅବଗତ କରାଇଦିଆଯିବ । ସୁତରାଂ କିଲ୍ଲାର ଫାଟକକୁ ଖୋଲିଦିଆଗଲା ବହୁ ମାତ୍ରାରେ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାତଗଲା । ସେ ସବୁକୁ ହଜରତ୍ ଖାଲିଦ୍ ର ଅ ପୃଥକ କରି ଏକତ୍ର କରି ରଖିଲେ । ସେହି କିଲ୍ଲାଗୁଡ଼ିକରୁ ଯେଉଁ ଦିନାର୍ ଓ ଦିରହମ୍ ମିଳିଲା ସେସବୁକୁ ବି ଅଲଗା ଏକାଠି କରି ରଖାଗଲା । ସେମାନଙ୍କ ଯୁଦ୍ଧବସ୍ତ୍ରଗୁଡ଼ିକୁ ବି ଜମାକରି ରଖିଦିଆଗଲା । ତାପରେ କଏଦିମାନଙ୍କୁ ବାହାର କରାଗଲା । ସେମାନଙ୍କୁ ଦୁଇ ଭାଗରେ ବାଂଟି ଦିଆଗଲା । ପୁଣି ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରେ ଜିତିଥିବା ଧନସମ୍ପତି)କୁ ଗୋଳା ପକାଗଲା । ଯୁଦ୍ଧବସ୍ତ୍ର ,ଲୁହା ଶିକୁଳି ଏବଂ ସୁନା ରୂପା ଇତ୍ୟାଦି ଓଜନ କରାଗଲା । ଖୁମୁସ୍‌ର ଚତୁର୍ଥ ଭାଗକୁ ଲୋକମାନଙ୍କ ମଧ୍ୟରେ ବଂଟନ କରାଗଲା । ଘୋଡ଼ାଚାଳକ ମାନଙ୍କ ନିମନ୍ତେ ଦୁଇଟି ଭାଗ ସ୍ଥିର କରାଗଲା । ଘୋଡ଼ା ମାଲିକମାନଙ୍କ ନିମନ୍ତେ ଗୋଟିଏ ଭାଗ ଧାର୍ଯ୍ୟକରାଗଲା । ସେହି ସବୁ ଜିନିଷମାନଙ୍କ ମଧ୍ୟରୁ ଖୁମୁସକୁ ଅଲଗା କରାଗଲା । ସେହି ସମ୍ପୂର୍ଣ୍ଣ ଖୁମୁସକୁ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଗୋଚରରେ ପଠାଇଦିଆଗଲା । **(ଅଲଇକ୍‌ତିଫାଅ,ଖ-୦୨,ଭା-୦୧, ପୃ-୭୦-୭୧ ଆଲିମୁଲ୍ କୁତୁବ୍ ବେରୁତ୍ ୦-୧୯୯୭)**

ତାପରେ ବନୁ ହନିଫାର ଲୋକମାନେ ବୟତ କରିବା ପାଇଁ ଏବଂ ମୁସଲେମାଃର ନବୁୱ୍ୱତ୍ ପ୍ରତି ଉଦାସୀନତା ପ୍ରକାଶ କରିବାକୁ ଏକତ୍ରିତ ହେଲେ । ଏହି ସମସ୍ତ ଲୋକମାନଙ୍କୁ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ନିକଟକୁ ଅଣାଗଲା । ସେଠାରେ ସେମାନେ ବୟତ କଲେ ଏବଂ ପୁନର୍ବାର ଇସଲାମ୍ ଗ୍ରହଣ କରିବାର ଘୋଷଣା କଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସେମାନଙ୍କର ଗୋଟିଏ ପ୍ରତିନିଧି ଦଳକୁ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ମଦିନା ମନୱ୍ୱରା ପ୍ରେରଣ କରିଦେଲେ । ଯେବେ ସେମାନେ ହଜରତ୍ ଅବୁ ବକର୍ ର ଅଙ୍କ ନିକଟରେ ପହଂଚିଲେ, ହଜରତ୍ ଅବୁ ବକର୍ ର ଅ ଏଥିରେ ବହୁତ ଆଶ୍ଚର୍ଯ୍ୟଚକିତ ହେଲେ ଯେ ଏମାନେ ମୁସଲେମାଃ କଜ୍ଜାବର ଫାନ୍ଦରେ କିପରି ଫସି ଯାଇଥିଲେ ଓ କିପରି ପଥଭ୍ରଷ୍ଟ ହୋଇଯାଇଥିଲେ ? ସେମାନେ ଏହାର ଉତର ଦେଇ କହିଲେ ଯେ ହେ ରସୁଲଙ୍କ ଖଲିଫା ! ଆପଣ ଆମ ପରିସ୍ଥିତି ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି । ମୁସଲେମାଃ କଜ୍ଜାବ ନା ନିଜକୁ କିଛି ଲାଭ ପହଂଚାଇ ପାରିଲା ନା ସେ ନିଜ ସମ୍ପର୍କୀୟ ତଥା ନିଜ କୌମର ଲୋକମାନଙ୍କୁ କିଛି ଲାଭ ପହଂଚାଇ ପାରିଲା । (ହଜରତ୍ ଅବୁ ବକର୍ ର ଅ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ପୃ-୨୦୬)

ହଜରତ୍ ଅବୁ ବକର୍ ର ଅଙ୍କ ଗୋଟିଏ ସ୍ୱପ୍ନ ବିଷୟରେ ଉଲ୍ଲେଖ ରହିଛି ଯେ ହଜରତ୍ ଅବୁ ବକର୍ ର ଅ ଯେବେ ହଜରତ୍ ଖାଲିଦ୍ ର ଅ ଙ୍କୁ ୟମାମା ଆଡ଼କୁ ପ୍ରେରଣ କଲେ ସେତେବେଳେ ସେ ସ୍ୱପ୍ନରେ ଦେଖିଲେ ଯେ ସେ ହଜର୍ ବସ୍ତି ନିକଟରେ ଅଛନ୍ତି । ସେହି ବସ୍ତିର ଖଜୁରୀଗୁଡ଼ିକୁ ଅଣାଗଲା । ସେ ସେଥିମଧ୍ୟରୁ ଗୋଟିଏ ଖଜୁରୀ କୋଳି ଖାଇଲେ । ସେଥିରେ ଯେଉଁ ମଞ୍ଜି ଥିଲା ତାହା ଖଜୁରୀ ଆକୃତିର ଥିଲା । ବହୁତ କଠିନ ଥିଲା । ତାହା ଖଜୁର ନଥିଲା ବରଂ ଖଜୁରୀ ମଞ୍ଜି ଥିଲା । କିଛି ସମୟ ସେ ତାହାକୁ ଚୋବାଇବା ପରେ ତାକୁ ଫିଙ୍ଗି ଦେଲେ । ସେ ସେହି ସ୍ୱପ୍ନର ତାବିର୍ (ଅର୍ଥ)ଏହା ବାହାର କଲେ ଯେ ଖାଲିଦକୁ ୟମାମାାର ଅଧିବାସୀ ମାନଙ୍କ ନିକଟରୁ ଭିଷଣ ଯୁଦ୍ଧର ସାମନା କରିବାକୁ ପଡ଼ିବ ଏବଂ ଅଲ୍ଲାଃ ତାଲା ତାଙ୍କୁ ନିଶ୍ଚିତ ରୂପେ ବିଜୟ ପ୍ରଦାନ କରିବେ**(ଅଲଇକ୍‌ତିଫାଅ,ଖ-୦୨,ଭା-୦୧, ପୃ-୭୨ ଆଲିମୁଲ୍ କୁତୁବ୍ ବେରୁତ୍ ୦-୧୯୯୭)**

ହଜରତ୍ ଅବୁ ବକର୍ ର ଅ ୟମାମା ଆଡୁ ଆସୁଥିବା ଖବରକୁ ଉତ୍ସାହିତ ହୋଇ ଅପେକ୍ଷା କରୁଥିଲେ । ଯେଉଁ କ୍ଷଣି ହଜରତ୍ ଖାଲିଦ୍ ଙ୍କ ନିକଟରୁ ଖବରଦାତା (ଦୂତ) କୌଣସି ଖବର ଆଣୁଥିଲା ଆପଣ ର ଅ ତାଙ୍କଠାରୁ ଖବର ହାସଲ କରନ୍ତି । ଦେନେ ହଜରତ୍ ଅବୁ ବକର୍ ର ଅ ଦ୍ୱିପହର ସମୟରେ ଗରମରେ ବାହାରକୁ ବାହାରିଲେ । ଆପଣ ର ଅ ସରାର୍ ନାମକ ସ୍ଥାନ ଆଡ଼କୁ ଯିବାକୁ ଚାହୁଁଥିଲେ । ତାହା ମଦିନାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ଆପଣଙ୍କ ସାଥିରେ ହଜରତ୍ ଉମର୍ ର ଅ , ହଜରତ୍ ସଇଦ୍ ବିନ୍ ଜୈଦ୍ , ତଲହା ବିନ୍ ଉବୈଦୁଲ୍ଲାଃ ର ଅ ଏବଂ ଅନସାର ତଥା ମୁହାଜିର୍ ମାନଙ୍କର ଗୋଟିଏ ଦଳ ଥିଲା । ଆପଣ ଅବୁ ଖୈସମା ନଜ୍ଜାରୀଙ୍କ ସହିତ ସାକ୍ଷାତ କଲେ ଯାହାଙ୍କୁ ହଜରତ୍ ଖାଲିଦ୍ ର ଅ ପଠାଇଥିଲେ । ଯେବେ ତାଙ୍କୁ ହଜରତ୍ ଅବୁ

ବକର୍ ର ଅ ଦେଖିଲେ ,କହିଲେ ହେ ଅବୁ ଖୈସମାଃ ! କ'ଣ ସମାଚାର ? ସେ କହିଲେ ହେ ରସୁଲଙ୍କ ଖଲିଫା ! ଭଲ ସମାଚାର । ଅଲ୍ଲାଃତାଲା ଆମକୁ ୟମାମାରେ ବିଜୟ ପ୍ରଦାନ କରିଛନ୍ତି । ରାୱି କୁହନ୍ତି ଯେ ହଜରତ୍ ଅବୁ ବକର୍ ସଜଦାଃ କଲେ (ଅର୍ଥାତ୍ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହେଲେ)। ଅବୁ ଖୈସମା କହିଲେ ଯେ ଖାଲିଦ ର ଅଙ୍କର ଆପଣଙ୍କ ପାଇଁ ଗୋଟିଏ ଚିଠି ଅଛି । ହଜରତ୍ ଅବୁ ବକର୍ ର ଅ ଏବଂ ତାଙ୍କ ସାଥିମାନେ ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କଲେ । ପୁଣି ଆପଣ ର ଅ କହିଲେ ମତେ ଯୁଦ୍ଧ ସମ୍ବନ୍ଧରେ କୁହନ୍ତୁ ଯେ କେମିତି ଏହା ହେଲା ? ଖାଲିଦ ର ଅ କ'ଣ ସବୁ ପଦକ୍ଷେପ ନେଇଥିଲେ ଏବଂ କିପରି ନିଜ ସାଥିମାନଙ୍କୁ ଯୁଦ୍ଧ ନିମନ୍ତେ ଧାଡ଼ିରେ ଛିଡ଼ାକରିଥିଲେ । କିପରି ମୁସଲମାନଙ୍କୁ ପରାଜୟ ବି ଭୋଗିବାକୁ ପଡ଼ିଥିଲା । କିଏ କିଏ ସେମାନଙ୍କ ମଧ୍ୟରେ ଶହୀଦ ହୋଇଛନ୍ତି , ଏହି ସମସ୍ତ ଘଟଣାବଳୀ ଅବୁ ଖୈସମା ତାଙ୍କୁ କହିବାକୁ ଲାଗିଲେ । ହଜରତ୍ ଅବୁ ବକର୍ ର ଅ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* କହିଲେ ଏବଂ ସେମାନଙ୍କ ପାଇଁ କରୁଣ ପ୍ରାପ୍ତି ନିମନ୍ତେ ଦୁଆ(ପ୍ରାର୍ଥନା) କଲେ । ଅବୁ ଖୈସମା ଆହୁରୁ କହିଲେ ,ହେ ରସୁଲୁଲ୍ଲାଃ ସ ଆ ସ ଙ୍କ ଖଲିଫା ! ଆମେ ହେଉଛୁ ବଦୁ(ଅର୍ଥାତ ବେଦୁଇନ୍)ଲୋକେ । ସେମାନେ ଆମକୁ ପରାସ୍ତ କଲେ ଓ ଆମ ସହିତ ଏପରି ଆଚରଣ କଲେ ଯାହା ଆମେ ଭଲ ବୋଲି ଭାବୁନଥିଲୁ । ତାପର ପୁଣି ଅଲ୍ଲାଃତାଲା ଆମକୁ ସେମାନଙ୍କ ଉପରେ ବିଜୟ ପ୍ରଦାନ କଲେ । ହଜରତ୍ ଅବୁ ବକର୍ ର ଅ କହିଲେ ଯେଉଁ ସ୍ୱପ୍ନ ମୁଁ ଦେଖିଥିଲି ମୁଁ ତାକୁ ଭିଷଣ ଭାବରେ ନାପସନ୍ଦ କରୁଥିଲି । ମୋ ମନରେ ସେହି ଚିନ୍ତା ଘାରୁଥିଲା ଯେ ଖାଲିଦଙ୍କୁ ନିଶ୍ଚିତ ରୂପେ ଭିଷଣ ଯୁଦ୍ଧର ସମ୍ମୁଖିନ ହେବାକୁ ପଡ଼ିବ । କାଳେ ଖାଲିଦ୍ ସେହି ଲୋକମାନଙ୍କ ସହିତ ସୁଲାହ୍ କରିନଥାଆନ୍ତେ ଏବଂ ସେମାନଙ୍କୁ ଖଣ୍ଡାଧାରର ମୁନରେ ରଖିଥାନ୍ତେ କି । ଏହି ଶହୀଦ ମାନଙ୍କ ପରେ ୟମାମାବାସୀଙ୍କ ମଧ୍ୟରୁ କେହି ବି ଜୀବିତ ରହିବାର ହକ ରଖୁନାହାନ୍ତି । ପୁଣି କହିଲେ ଯେ ଯେଉଁମାନେ ତାର ସାଥି ଥିଲେ ,ସେମାନେ ଏହି ମୁସଲେମା କଜ୍ଜାବ ଯୋଗୁଁ କୟାମତ୍ ପର୍ଯ୍ୟନ୍ତ ପରିକ୍ଷାରେ ପଡ଼ିବେ । ଯଦି ଅଲ୍ଲାଃ ସେମାନଙ୍କୁ ବଂଚାଇ ଦିଅନ୍ତି ତ ଅଲଗା କଥା । ତାପରେ ୟମାମାର ପ୍ରତିନିଧିମଣ୍ଡଳ ହଜରତ୍ ଖାଲିଦ୍ ର ଅ ଙ୍କ ସହିତ ହଜରତ୍ ଅବୁ ବକର୍ ର ଅଙ୍କ ସେବାରେ ହାଜିର୍ ହୋଇଗଲେ । **(ଅଲଇକ୍‌ତିଫାଅ,ଖ-୦୨,ଭା-୦୧, ପୃ-୭୨-୭୩ ଆଲିମୁଲ୍ କୁତୁବ୍ ବେରୁତ୍ ୦-୧୯୯୭)**

ୟମାମା ଯୁଦ୍ଧରେ ନିହତ ହୋଇଥିବା ବିଦ୍ରୋହୀମାନଙ୍କ ସଂଖ୍ୟା ବିଷୟରେ କୁହାଯାଇଛି ଯେ ସେମାନଙ୍କର ସଂଖ୍ୟା ପ୍ରାୟ ଦଶ ହଜାର୍ ଥିଲା । ଆଉ ଏକ ରିୱାୟତ ମୁତାବକ ସେହି ସଂଖ୍ୟା ଏକୋଇଶି ହଜାର ଥିଲା । ଯେବେ କି ପାଂଚ ଶହ ବା ଛଅ ଶହ ମୁସଲମାନ୍ ସେହି ଯୁଦ୍ଧରେ ଶହୀଦ୍ ହୋଇଥିଲେ । ଆଉ କିଛି ରିୱାୟତ ମୁତାବକ ୟମାମା ଯୁଦ୍ଧରେ ଶହୀଦ ହୋଇଥିବା ମୁସଲମାନ୍ ମାନଙ୍କ ସଂଖ୍ୟା ସାତ ଶହ , ବାର ଶହ ଏବଂ ସତର ଶହ ବୋଲି ଦର୍ଶାଯାଇଛି । **(ଅଲବିଦାୟାଃ ୱନ୍ ନହାୟାଃ ଖ-୦୩,ଭା-୦୬,ପୃ-୩୨୧ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)**

ଆଉ ଏକ ରିୱାୟତ ମୁତାବକ ୟମାମା ଯୁଦ୍ଧରେ ସାତ ଶହରୁ ଅଧିକା ହାଫିଜେ କୁରଆନ୍ (ଅର୍ଥାତ ପବିତ୍ର କୁରଆନକୁ କଣ୍ଠସ୍ଥ କରିଥିବା ଲୋକେ)ଶହୀଦ ହୋଇଥିଲେ ।**(ଉମଦତୁଲ୍ କାରୀ ଶରହ୍ ସହି ବୁଖାରୀ କିତାବ ଫଜାଇଲୁଲ୍ କୁରଆନ୍ ବାବ୍ ଜମଉଲ୍ କୁରଆନ୍ ଖ-୨୦ପୃ-୨୩ ଦାରୁଲ୍ କୁତୁବୁଲ୍ ଅଲମିୟାଃ ୨୦୦୧)**

ଏହି ଶହୀଦମାନଙ୍କ ମଧ୍ୟରେ ବଡ଼ ବଡ଼ ମହାନ୍ ସାହାବାଗଣ ଏବଂ ହୁଫାଜେ କୁରଆନ୍ (ଅର୍ଥାତ ପବିତ୍ର କୁରଆନକୁ କଣ୍ଠସ୍ଥ କରିଥିବା ଲୋକେ)ସାମିଲ୍ ଥିଲେ । ସେମାନଙ୍କର ପଦମର୍ଯ୍ୟାଦା ତଥା ସେମାନଙ୍କର ସ୍ଥିତି ମୁସଲମାନମାନଙ୍କ ମଧ୍ୟରେ ବହୁ ଉଚ୍ଚରେ ଥିଲା । ସେମାନଙ୍କ ଶହୀଦ ହେବା ବହୁତ ବଡ଼ ଦୁଃଖଦ ଘଟଣା ଥିଲା । କିନ୍ତୁ ସେହି ହୁଫାଜେ କୁରଆନ୍ ଙ୍କ ଶହୀଦ ହେବା ଫଳରେ, ତାହା ପବିତ୍ର କୁରଆନକୁ ଜମା/ଏକାଠି (ସଂଗ୍ରହିତ) କରିବାର କାରଣ ହେଲା ।

ସେହି ସାହାବାମାନଙ୍କ ମଧ୍ୟରେ କେତେକ ପ୍ରଶିଦ୍ଧ ସାହାବାମାନଙ୍କ ନାମ ହେଉଛି ଏପରି । ହଜରତ୍ ଜୈଦ୍ ବିନ୍ ଖତାବ୍ ର ଅ, ହଜରତ୍ ଅବୁ ହୁଜୈଫା ବିନ୍ ଅତବା ବିନ୍ ରବିୟାଃ ର ଅ, ହଜରତ୍ ସାଲିମ୍ ମୌଲା ଅବୁ ହୁଜୈଫା ର ଅ,ହଜରତ୍ ଖାଲିଦ୍ ବିନ ଉସୈଦ୍ ର ଅ, ହଜରତ୍ ହକମ୍ ବିନ୍ ସଈଦ୍ ର ଅ, ହଜରତ୍ ତୁଫୈଲ୍ ବିନ୍ ଅମରୋ ଦୋସି ର ଅ,ହଜରତ୍ ଜୁବୈର୍ ବିନ ଅୱାମ୍ ର ଅ ଙ୍କ ଭାଇ ହଜରତ୍ ସାଏବ୍ ବିନ ଅୱାମ୍ ର ଅ ,ହଜରତ୍ ଅବ୍ଦୁଲ୍ଲାଃ ବିନ୍ ହାରିସ୍ ବିନ୍ କୈସ୍ ର ଅ ,ହଜରତ୍ ଅବାଦ୍ ବିନ୍ ହାରିସ୍ ର ଅ ,ହଜରତ୍ ଅବାଦ୍ ବିନ୍ ବଶର୍ , ହଜରତ୍ ମାଲିକ୍ ବିନ୍ ଅଓସ୍ ର ଅ ,ହଜରତ୍ ସୁରାକା ବିନ୍ କାଆବ୍ ର ଅ ,ହଜରତ୍ ମାଆନ୍ ବିନ୍ ଅଦି ର ଅ , ଆଁହଜରତ୍ ସ ଆ ସଙ୍କ ଖତିବ୍ (ପ୍ରବକ୍ତା)ହଜରତ୍ ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ର ଅ ,ହଜରତ୍ ଅବୁ ଦୁଜାନାଃ ର ଅ , ରଈସୁଲ୍ ମୁନାଫିକିନ୍ (ମୁନାଫିକ୍ ମାନଙ୍କ ସର୍ଦ୍ଦାର)ଅବ୍ଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍ ର ପୁତ୍ର ଏବଂ ସଚ୍ଚା ମୋମିନ୍ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଅବ୍ଦୁଲ୍ଲାଃ ର ଅ ଏବଂ ହଜରତ୍ ୟଜିଦ୍ ବିନ୍ ସାବିତ୍ ଖଜ୍ରଜି ର ଅ । **(ଫୁତୁହୁଲ୍ ବୁଲଦାନ୍ ପୃ-୧୨୪-୧୨୬ ମୁଦ୍ରିତ ମୁସିସତୁଲ୍ ମାଆରିଫ୍ ବେରୁତ୍ ୧୯୮୭)**

କେତେକ ଐତିହାସିକଙ୍କ ଅନୁଯାୟୀ ୟମାମା ଯୁଦ୍ଧ ରବିଉଲ୍ ଅୱଲ୍ ୧୨ ହିଜରୀ ରେ ଅନୁଷ୍ଠିତ ହୋଇଥିଲା । ଯେବେକି ଅନ୍ୟ କେତେକ ଏହା ଉଲ୍ଲେଖ କରିଛନ୍ତି ଯେ ଏହି ଯୁଦ୍ଧ ୧୧ ହିଜରୀ ର ଶେଷ ଆଡ଼କୁ ହୋଇଥିଲା । ଏହି ଦୁଇଟି କଥାକୁ ଏମିତି ପ୍ରୟୋଗ କରାଯାଇପାରେ କି ଏହି ଯୁଦ୍ଧ ୧୧ହିଜରୀ ଆରମ୍ଭ ହୋଇଥିବ ଏବଂ ୧୨ ହିଜରୀରେ ଶେଷ ହୋଇଥିବ । **(ଅଲବିଦାୟାଃ ୱନ୍ ନହାୟାଃ ଖ-୦୩,ଭା-୦୬,ପୃ-୩୨୨ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)**

ହଜରତ୍ ମୁସଲେହ୍ ମଉଦ୍ ର ଅ ବର୍ଣ୍ଣନା କରନ୍ତି ଯେ :

''ଯେଉଁମାନେ ନବୁୱତର ଦାବି କରିଥିଲେ ଓ ଯେଉଁମାନଙ୍କ ସହିତ ସାହାବାମାନେ ଯୁଦ୍ଧ କରିଥିଲେ ,ସେମାନେ ସମସ୍ତେ ଏପରି ଲୋକଥିଲେ ଯେଉଁମାନେ ଇସଲାମୀୟ ହୁକୁମତ୍ (ସରକାର) ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ଇସଲାମୀୟ ହୁକୁମତ୍ (ସରକାର) ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ........ମୁସଲେମାଃ ନିଜେ ରସୁଲୁଲ୍ଲାଃ ସ ଆ ସଙ୍କ ସମୟରେ ଆଁହଜରତ୍ ସ ଆ ସ ଙ୍କୁ ଲେଖିଥିଲା ଯେ ମତେ (ଅଲ୍ଲାଃଙ୍କ ତରଫରୁ)ନିର୍ଦ୍ଦେଶ ଦିଆ ଯାଇଅଛି ଯେ ଆରବ ଦେଶର ଅଧା ଆମ ପାଇଁ ନିର୍ଦ୍ଧାରଣ କରାଯାଇଛି ଆଉ ଅଧା କୁରୈଶମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ପବିତ୍ର ରସୁଲଙ୍କ ଦେହାନ୍ତ ପରେ ପରେ ସେ ହଜର୍ ଏବଂ ୟମାମାରୁ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ୱାଲି (ରାଜ୍ୟପାଳ)ସୁମାମା ବିନ୍ ଉସାଲ୍ ଙ୍କୁ ବହିଷ୍କାର କରିଦେଲା ଓ ନିଜେ ସେହି ଇଲାକାର ୱାଲି (ରାଜ୍ୟପାଳ) ହୋଇଗଲା । ପୁଣି ସେ ମୁସଲମାନ୍ ମାନଙ୍କ ଉପରେ ଆକ୍ରମଣ କରଦେଲା । ପୁଣି ସେ ମଦିନାର ଦୁଇଜଣ ସାହାବା ହବିବ୍ ବିନ୍ ଜୈଦ୍ ର ଅ ଏବଂ ଅବ୍ଦୁଲ୍ଲାଃ ବିନ୍ ୱହବ୍ ର ଅ ଙ୍କୁ କଏଦ୍ (ବନ୍ଦି)କରିନେଲା । ସେମାନଙ୍କୁ ଜୋର ଜବ୍ରଦସ୍ତି କରି ନିଜ ନବୁୱତକୁ ଗ୍ରହଣ କରିବା ପାଇଁ ଚାହୁଁଥିଲା । ଅବ୍ଦୁଲ୍ଲାଃ ବିନ୍ ୱହବ୍ ର ଅ ଭୟରେ ତାକଥାକୁ ମାନିନେଲେ କିନ୍ତୁ ହବିବ୍ ବିନ୍ ଜୈଦ୍ ର ଅ ତାକଥାକୁ ମାନିଲେ ନାହିଁ । ଅସ୍ୱୀକାର କରିଦେଲେ । ତେଣୁ ମୁସଲେମା ତାଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ କାଟି ନିଆଁରେ ଜାଳିଦେଲା । ସେହିପରି ୟମନ୍ ଦେଶରେ ବି ରସୁଲୁଲ୍ଲାଃ ସ ଆ ସଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଅଫିସର୍ ମାନଙ୍କ ମଧ୍ୟରୁ କେତେକଙ୍କୁ କଏଦ କରିଦେଲା ଓ ଆଉ କେତେକଙ୍କୁ କଠୋର ଦଣ୍ଡ ଦେଲା । ଏହିପରି ତିବରୀ ଉଲ୍ଲେଖ କରିଛି ଯେ ଅସୱଦ୍ ଅନସି ମଧ୍ୟ ବିଦ୍ରୋହ କରିଥିଲା ଏବଂ ରସୁଲୁଲ୍ଲାଃ ସ ଆ ସଙ୍କ ତରଫରୁ ଯେଉଁ ଅଧିକାରୀମାନେ ନିଯୁକ୍ତି ପାଇଥିଲେ ସେମାନଙ୍କୁ ସେ ହଇରାଣ ହରକତ୍ କରୁଥିଲା । ସେମାନଙ୍କଠାରୁ ଜକାତ୍ ଛଡ଼ାଇନେବା ପାଇଁ ନିର୍ଦ୍ଦେଶ ଦେଇଥିଲା । ପୁଣି ସେ ସନାଅ ନମକ ସ୍ଥାନରେ ରସୁଲେ କରିମ୍ ସ ଆ ସ ଙ୍କ ଦ୍ୱାରା ନିଯୁକ୍ତ ହାକିମ୍ (ଅଧିକାରୀ)ଶହର୍ ବିନ୍ ବାଜାନଙ୍କ ଉପରେ ଆକ୍ରମଣ କରିଦେଲା । ଅନେକ ମୁସଲମାନମାନଙ୍କୁ ସେ ହତ୍ୟା କରିଥିଲା, ଲୁଟତରାଜ କରିଥିଲା ,ଗଭର୍ନରକୁ ହତ୍ୟା କରିଥିଲା ଏବଂ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ମୁସଲମାନ୍ ପତ୍ନୀ ସହିତ ଜୋର ଜବ୍ରଦସ୍ତି ନିକାହ୍ (ବିବାହ)ମଧ୍ୟ କରିଥିଲା । ବନୁ ନଜରାନ୍ ବି ବିଦ୍ରୋହ କରିଥିଲା । ସେ ମଧ୍ୟ ଅସୱଦ୍ ଅନସି ଙ୍କ ସହିତ ମିଶିଗଲା । ସେ ଦୁଇଜଣ ସାହାବା ଅମରୋ ବିନ୍ ହଜମ୍ ର ଅ ଏବଂ ଖାଲିଦ୍ ବିନ୍ ସଈଦ୍ ର ଅ ଙ୍କୁ ସେହି ଇଲାକାରୁ ବାହାର କରିଦେଇଥିଲା ।

ଏହି ସମସ୍ତ ଘଟଣାବଳୀ ଗୁଡ଼ିକରୁ ସ୍ପଷ୍ଟ ହେଉଛି ଯେ ନବୁୱତର ଦାବି କରିଥିବା ଲୋକମାନଙ୍କ ସହିତ ଯୁଦ୍ଧ ଏଥିପାଇଁ କରାଯାଇ ନଥିଲା ଯେ ସେ ରସୁଲେ କରିମ୍ ସ ଆ ସ ଙ୍କ ଉମ୍ମତ୍ (ସମ୍ପ୍ରଦାୟ)ରୁ ନବୁୱତର ଦାବି କରିଥିଲେ ଏବଂ ରସୁଲେ କରିମ୍ ସ ଆ ସ ଙ୍କ ଧର୍ମର ପ୍ରଚାର ପ୍ରସାର କରିବାର ଦାବିଦାର ଥିଲେ ବରଂ ସାହାବାମାନେ ସେମାନଙ୍କ ସହିତ ଏଇଥିପାଇଁ ଯୁଦ୍ଧ କରିଥିଲେ ଯେ ସେମାନେ ଇସଲାମିକ୍ ଶରିୟତ୍(ଧର୍ମବିଧାନ)କୁ ରଦ୍ଦ କରି ନିଜର ଆଇନି ପ୍ରଣୟନ କରୁଥିଲେ । ଏବଂ ନିଜ ନିଜ ଇଲାକାରେ ନିଜକୁ ନିଜେ ସରକାର ବୋଲି ଦାବିକଲେ । ସେମାନେ କେବଳ ନିଜ ନିଜ ଇଲାକାର ସରକାର ଭାବେ ଦାବି କଲେ ନାହିଁ ବରଂ ସେମାନେ ସାହାବାମାନଙ୍କୁ ହତ୍ୟା ବି କଲେ । **(ମୌଲାନା ମୌଦୁଦି ସାହାବ କା ରିସାଲାଃ ''କାଦିଆନୀ ମସଅଲାଃ'' ଜୱାବ,ଅନୱାରୁଲ୍ ଉଲୁମ୍ ଖ-୨୪ ପୃ-୧୨-)**

ଇସଲାମୀୟ ଦେଶ ଉପରେ ଆକ୍ରମଣ କରିଥିଲେ,ପ୍ରତିଷ୍ଠିତ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ନିଜ ସ୍ୱାଧିନତାର ଘୋଷଣା କରିଦେଇଥିଲେ । ପୁଣି ହଜରତ୍ ମସିହ୍ ମଉଦ୍ ଆ ସର୍ଣ୍ଣନା କରିଛନ୍ତି ଯେ :

ଯେବେ ଆଁହଜରତ୍ ସ ଆ ସ ଏ ସଂସାର ଛାଡ଼ିଚାଲିଗଲେ .....ତାପରେ ବେଦୁଇନ୍ ଆରବୀୟମାନେ ବିଦ୍ରୋହୀ ହୋଇଯାଇଥିଲେ । ହଜରତ୍ ଆଇଶା ସିଦ୍ଦିକା ର ଅ ଏପରି ଗୁରୁତ୍ୱପୂର୍ଣ୍ଣ ସମୟର ଅବସ୍ଥାକୁ ଏପରି ପ୍ରକାଶ କରିଛନ୍ତି ଯେ ଅଲ୍ଲାଃଙ୍କ ଦୂତ ସ ଆ ସ ଙ୍କର ଦେହାନ୍ତ ହୋଇସାରିଛି ଏବଂ ମିଥ୍ୟାବାଦୀ ନବୁୱତର କେତେକ ଦାବିଦାର ଜନ୍ମ ହୋଇସାରିଛନ୍ତି । କିଛି ତ ନମାଜକୁ ଛାଡ଼ିସାରିଛନ୍ତି ଏବଂ କେତେକଙ୍କ ରଙ୍ଗ ବଦଳି ଯାଇଛି । ଏହିପରି ସଂକଟପୂର୍ଣ୍ଣ ପରିସ୍ଥିତିରେ ମୋ ବାପା ପବିତ୍ର ରସୁଲଙ୍କ ଖଲିଫା ଭାବରେ ନିଯୁକ୍ତି ହେଲେ । ମୋ ବାପାଙ୍କ ଉପରେ ଏତେ ମାତ୍ରାରେ ଦୁଃଖ ଓ ବିପତି ଆସିଲା ଯେ ଯଦି ସେସବୁ ପାହାଡ଼ ଉପରେ ଆସିଥାନ୍ତା ତାହେଲେ ସେହି ପାହାଡ଼ଗୁଡ଼ିକ ମଧ୍ୟ ବିନିଷ୍ଟ ହୋଇଯାଇଥାନ୍ତେ । ଏବେ ଧ୍ୟାନ ଦେଇ ଚିନ୍ତାକରନ୍ତୁ ଯେ ସଂକଟର ପାହାଡ଼ ମାଡ଼ିବସିଥିବା ବେଳେ ବି ସାହାସ ଏବଂ ହିମତକୁ ନଛାଡ଼ିବା ଏହା କୌଣସି ସାଧାରଣ ଲୋକର କାମ ନଥିଲା । ଏହି ଦୃଢ଼ସଂକଳ୍ପ ସିଦ୍‌କ୍(ସତ୍ୟତା)କୁ ହିଁ ଚାହୁଁଥିଲା । ଏବଂ ସିଦ୍ଦିକ୍ ର ଅ (ଅର୍ଥାତ ହଜରତ୍ ଅବୁ ବକର୍ ର ଅ)ଏହା କରି ଦେଖାଇଦେଲେ । ଏପରି ବିପଦକୁ ସାମନା କରିବା ଅନ୍ୟ କାହା ପକ୍ଷେ ସମ୍ଭବ ନଥିଲା । ସମସ୍ତ ସାହାବା ର ଅ ସେ ସମୟରେ ମହଜୁଦ ଥିଲେ । କେହି ହେଲେ ବି ଏହା କହିନଥିଲେ ଯେ ଏହା ମୋର ଅଧିକାର । ସେମାନେ ଦେଖୁଥିଲେ ଯେ ନିଆଁ ଲାଗିସାରିଛି । ଏବେ ଏହି ନିଆଁରେ କିଏ ଯାଇ ପଡ଼ିବ ? ହଜରତ୍ ଉମର୍ ର ଅ ଏହିପରି ପରିସ୍ଥିତିରେ ନିଜ ହାତକୁ ବଢ଼ାଇ ହଜରତ୍ ଅବୁ ବକର୍ ର ଅ ଙ୍କ ହାତରେ ବୟତ କଲେ । ପୁଣି ସମସ୍ତ ସାହାବିଗଣ ଜଣକ ପରେ ଜଣେ ବୟତ କରିବାକୁ ଲାଗିଲେ । ଏହା ତାଙ୍କର ସିଦ୍ଦିକ୍ (ସତ୍ୟତା)ହିଁ ଥିଲା ଯେ ତାହା ସେତେବେଳର ସେହି ଫିତନା (ବିଭ୍ରାଟ)କୁ ଦୂର କରିଥିଲା ଏବଂ ସେହି ଆତଙ୍କବାଦୀମାନଙ୍କୁ ନିଶେଷ କରିଦେଲା । ମୁସଲେମାଃ କଜ୍ଜାବ ସହିତ ଏକ ଲକ୍ଷ ଲୋକ ଥିଲେ ଏବଂ ତାର ସମସ୍ୟା ଅବାହତ୍‌ର ସମସ୍ୟା ଥିଲା ।

ଅବାହତ୍‌ର ଅର୍ଥ ହେଉଛି କୌଣସି ଜିନିଷକୁ ଶରିୟତରେ ଅନୁମତି ଦେଇଦେବା ଅର୍ଥାତ ଅନୁମତିପ୍ରାପ୍ତ ବା ହଲାଲ୍ ।(ଉର୍ଦ୍ଦୁ ଅଭିଧାନରେ ଐତିହାସିକ ସିଦ୍ଧାନ୍ତ ଉପରେ ଅବାହତ୍ ଶବ୍ଦ ଅନ୍ତର୍ଗତ ) ଲୋକମାନେ ଅବାହତି କଥାକୁ ଦେଖି ଦେଖି ସେଥିରେ ସାମିଲ୍ ହୋଇଯାଉଥିଲେ । ଅନେକ ଭୂଲ

ଜିନିଷକୁ ମଧ୍ୟ ସେ ଉଚିତ ଅଭିହିତ କରିଦେଇଥିଲେ । ପୂର୍ବରୁ ଏହାର ବର୍ଣ୍ଣନା ହୋଇସାରିଛି । ସେ ଯାହ ହେଉ ଆପଣ ଆ ସ କହିଲେ ଯେ :

''ଲୋକମାନେ ଅବାହତି ଜିନିଷକୁ ଦେଖି ଦେଖି ସେହି ଧର୍ମରେ ସାମିଲ୍ ହୋଇ ଯାଉଥିଲେ । କିନ୍ତୁ ଖୁଦା ତାଲା ନିଜ ଉପସ୍ଥିତିର ପ୍ରମାଣ ଦେଲେ ଓ ସମସ୍ତ ଅସୁବିଧାକୁ ଦୂର କରିଦେଇଥିଲେ । '' **(ମଲଫୁଜାତ୍ ଖ-୦୧,ପୃ-୩୭୮-୩୭୯)**

ହଜରତ୍ ମସିହ୍ ମଉଦ୍ ଆ ସ ପୁଣି ଆହୁରି କୁହନ୍ତି :

''ଜ୍ଞାନୀ ଲୋକମନଙ୍କ ଠାରୁ ଏକଥା ଲିକ୍କାୟିତ ନୁହେଁ ଯେ ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍‌ର ସମୟ ଭୟ ଏବଂ ଯନ୍ତ୍ରଣାର ସମୟ ଥିଲା । ଅତଃ ଯେବେ ଆଁହଜରତ୍ ସ ଆ ସ ଙ୍କ ଦେହାନ୍ତ ହେଲା,ଇସଲାମ୍ ଏବଂ ମୁସଲମାନ୍ ମାନଙ୍କ ଉପରେ ମୁସିବତ୍ ପଡ଼ିଗଲା । ଅନେକ ମୁନାଫିକ୍ (କପଟୀ)ମୁରତଦ୍ (ଅର୍ଥାତ ନିଜ ଧର୍ମକୁ ପରିତ୍ୟାଗ କରି ବିଦ୍ରୋହୀ)ହୋଇଗଲେ । ସେମାନଙ୍କର ମୁଁହ ଟାଣ ହୋଇଗଲା । ଅପବାଦକାରୀମାନେ ନବୁଓ୍ୱତର ଦାବିଦାର ହୋଇଗଲେ । ଅଧିକାଂଶ ବେଦୁଇନ୍ ସେମାନଙ୍କ ଚତୁଃପାର୍ଶ୍ୱରେ ଏକାଠି ହେବାକୁ ଲାଗିଲେ । ଏହି ପରି ମୁସଲେମାଃ କଜ୍ଜାବ ନିକଟରେ ପ୍ରାୟ ଏକ ଲକ୍ଷ ମୂର୍ଖ ତଥା ମନ୍ଦ ସ୍ୱଭାବର ଲୋକେ ଯାଇ ମିଶିଗଲେ । ବିଭ୍ରାଟର ବହ୍ନି ଜଳିଉଠିଲା । ମୁସିବତ୍ ବଢ଼ିଚାଲିଲା । ବିପର୍ଯ୍ୟୟ ଚାରିପଟେ ଘେରିଗଲା । ଫଳତଃ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ) ମାନଙ୍କ ଉପରେ ଏକ ଭୟଙ୍କର ଭୂକମ୍ପ ଆସିଗଲା । ସେହି ସମୟରେ ସମସ୍ତ ଲୋକେ ପରିକ୍ଷାରେ ପଡ଼ିଥିଲେ । ଏପରି ପରିସ୍ଥିତି ଉପୁଜିଥିଲା ଯେ ଏକ ପ୍ରକାର ଭୟଙ୍କର ତଥା ଅଶ୍ଚର୍ଯ୍ୟଚକିତ ପରିସ୍ଥିତି ଉପ୍ନନ୍ନ ହୋଇଗଲା । ମୋମିନ ମାନେ ଏପରି ଅସହାୟ ହୋଇଯାଇଥିଲେ ଯେ ସତେ ଯେପରି ସେମନଙ୍କ ହୃଦୟ ଭିତରେ ରଢ଼ନିଆଁକୁ ଉତେଜ୍ଜିତ କରିବା ପାଇଁ ଫୁଙ୍କା ଯାଉଥିଲା ବା ସେମାନଙ୍କୁ ଛୁରୀ ସାହାଯ୍ୟରେ ଜେବହ୍ (ଅର୍ଥାତ ଛୁରୀ ଦ୍ୱାରା ଗଳାକାଟି ହଲାଲ୍ )କରିଦିଆଯାଇଥିଲା । କେବେ ତ ସେମାନେ ଖୈରୁଲ୍ ବରିୟାଃ (ସ୍ୱଲଲ୍ଲାଃହୁ ଆଲୈହେ ଓ୍ୱ ସଲ୍ଲମ୍)ଙ୍କ ବିୟୋଗ ଯୋଗୁଁ କ୍ରନ୍ଦନ କରୁଥିଲେ ଏବଂ କେବେ ସେମାନେ ଏବେ ଉପ୍ନନ୍ନ ହୋଇଥିବା ବିଭ୍ରାଟପୂର୍ଣ୍ଣ ପରିସ୍ଥିତି ଯୋଗୁଁ କାନ୍ଦୁଥିଲେ । ଶାନ୍ତିର ଛାୟା ବି ନଥିଲା । ବିଭ୍ରାଟକାରୀମାନେ ଅଳିଆଗଦା ଉପରେ ସୃଷ୍ଟି ହୋଇଥିବା ଏକ ସବୁଜିମା ପରି ଛାଇଯାଇଥିଲେ । ମୋମିନମାନଙ୍କ ଭୟ ତଥା ବ୍ୟତିବ୍ୟସ୍ତତା ବହୁତ ବଢ଼ିଯାଇଥିଲା । ସେମାନଙ୍କ ମନ ଆତଙ୍କ ତଥା ଚିନ୍ତାରେ ପରିପୂର୍ଣ୍ଣ ହୋଇଯାଇଥିଲା ।

ଏହିପରି (ସୂକ୍ଷ୍ମ)ସମୟରେ (ହଜରତ୍) ଅବୁ ବକର୍ ର ଅ ଶାସକ ହିସାବରେ ଏବଂ (ହଜରତ୍) ଖାତମୁନ୍ ନବିୟୀନ୍ ସ ଆ ସଙ୍କ ଖଲିଫା ଭାବରେ ନିଯୁକ୍ତ ହେଲେ । ମୁନାଫିକ୍(କପଟୀ),କାଫିର୍(ଅବିଶ୍ୱାସୀ) ତଥା ମୁରତଦ୍(ବିଦ୍ରୋହୀ)ମାନଙ୍କ ଆଚରଣ ଓ ବ୍ୟବହାରକୁ ସେ ଦେଖିଲେ । ସେଥି ଯୋଗୁଁ ସେ ଦୁଃଖରେ ବ୍ୟତିବ୍ୟସ୍ତ ହୋଇଗଲେ । ସେ ଏମିତି କାନ୍ଦୁଥିଲେ ଯେମିତି ଶ୍ରାବଣମାସରେ ଝଡ଼ିଲାଗିଥାଏ ଏବଂ ତାଙ୍କ ଆଖିରୁ ଲୁହ ଅବିରତ ଝରଣା ପ୍ରବାହିତ ହେଉଥିଲା ଏବଂ ସେ (ଅର୍ଥାତ୍ ହଜରତ୍ ଅବୁ ବକର୍ ର ଅ)(ନିଜ)ଅଲ୍ଲାଃଙ୍କଠାରୁ ଇସଲାମ୍ ଓ ମୁସଲମାନ୍‌ମାନଙ୍କ ମଙ୍ଗଳ ପାଇଁ ଦୁଆ (ପ୍ରାର୍ଥନା)କରୁଥିଲେ ।

ହଜରତ୍ ଆଇଶା ର ଅ ଙ୍କ ଦ୍ୱାରା ବର୍ଣ୍ଣିତ ଅଛି ଯେ ସେ କୁହନ୍ତି କି ଯେବେ ମୋ ବାପାଙ୍କୁ ଖଲିଫା କରାଗଲା ଏବଂ ଅଲ୍ଲାଃତାଲା ତାଙ୍କୁ ଇମାରତ୍ ପ୍ରଦାନ କଲେ ସେତେବେଳେ ଖିଲାଫତ୍‌ର ପ୍ରାରମ୍ଭରେ ହିଁ ସେ ଚାରିଆଡ଼େ ଫିତନାରେ ପରିପୂର୍ଣ୍ଣ ପରିବେଶ,ମିଥ୍ୟା ନବୁଓ୍ୱତ ଦାବିଦାର ମାନଙ୍କ କାର୍ଯ୍ୟକଳାପ ଏବଂ ମୁନାଫିକ୍(କପଟୀ)ବିଦ୍ରୋହୀମାନଙ୍କର ବିଦ୍ରୋହକୁ ଦେଖିଲେ । ତାଙ୍କ ଉପରେ ଏତେମାତ୍ରାରେ ଦୁଃଖ ବିପତି ପଡ଼ିଲା ଯେ ଯଦି ସେହି ଦୁଃଖ ପର୍ବତମାନଙ୍କ ଉପରେ ପଡ଼ିଥାନ୍ତା ତାହେଲେ ସେହି ପାହାଡ଼ଗୁଡ଼ିକ ମାଟିରେ ମିଶିଯାଇଥାନ୍ତେ ଏବଂ ତୁରନ୍ତ ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତେ । କିନ୍ତୁ ଆପଣ ର ଅଙ୍କୁ (ଅର୍ଥାତ ହଜରତ୍ ଅବୁ ବକର୍ ର ଅ ଙ୍କୁ)ରସୁଲମାନଙ୍କ ସଦୃଶ ଧୈର୍ଯ୍ୟ ପ୍ରଦାନ କରାଯାଇଥିଲା । ଏପରିକି ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ଆସି ପହଂଚିଗଲା । ନବୁଓ୍ୱତର ମିଥ୍ୟାଦାବିଦାରମାନଙ୍କୁ ବଧ କରିଦିଆଗଲା । ମୁରତଦମାନଙ୍କୁ ଧ୍ୱଂସ କରିଦିଆଗଲା । ଫିତନାକୁ ହଟାଇଦିଆଗଲା । ଯନ୍ତ୍ରଣା ଦୂର ହେଲା । ମାମଲାକୁ ସମ୍ଭାଳି ନିଷ୍ପତି କରିଦିଆଗଲା । ଖିଲାଫତକୁ ସୁଦୃଢ଼ କରିଦିଆଗଲା । ଏହିପରି ଅଲ୍ଲାଃତାଲା ମୋମିନମାନଙ୍କୁ ବିପଦ ଓ ଆପଦରୁ ରକ୍ଷା କରିଥିଲେ । ମୋମିନମାନଙ୍କ ଭୟକୁ ଶାନ୍ତିରେ ପରିବର୍ତନ କରିଦିଆଗଲା । ସେମାନଙ୍କ ପାଇଁ ସେମାନଙ୍କ ଦୀନ୍ (ଧର୍ମ)କୁ ଶକ୍ତି ପ୍ରଦାନ କରାଗଲା । ଏକ ବିଶ୍ୱକୁ ସତ୍ୟ ଉପରେ ପ୍ରତିଷ୍ଠିତ କରିଦିଆଗଲା ଏବଂ ବିଭ୍ରାଟକାରୀମାନଙ୍କ ଚେହେରାକୁ କଳା କରିଦିଆଗଲା । ଅଲ୍ଲାଃ ନିଜର ପ୍ରତିଶୃତିକୁ ରକ୍ଷାକରିଲେ । ନିଜର ଭକ୍ତ (ହଜରତ୍ ଅବୁ ବକର୍ ର ଅ)ସିଦ୍ଦିକ୍ ଙ୍କୁ ସାହାଯ୍ୟ କଲେ । ବିଦ୍ରୋହୀମାନଙ୍କ ସର୍ଦାରମାନଙ୍କୁ ତଥା ପୁତୁଳଗୁଡ଼ିକୁ ଧ୍ୱଂସ କରିଦେଲେ । କୁଫାର୍ (ଅବିଶ୍ୱାସକାରୀ)ମାନଙ୍କ ହୃଦୟରେ ଏପରି ରୁଅବ୍ (ଭୟ)ସଂଚାର କରିଦେଲେ ଯେ ସେମାନେ ପଛଘୁଂଚା ଦେଲେ ଓ (ପରିଶେଷରେ) ସେମାନେ (ଇସଲାମ୍ ଆଡ଼କୁ)ଲେଉଟି ତୌବାଃ (ଅନୁତାପ) କଲେ ଏହା ହିଁ ପ୍ରତାପି ଈଶ୍ୱରଙ୍କର ପ୍ରତିଜ୍ଞା ତଥା ପ୍ରତିଶୃତି ଥିଲା ଏବଂ ସେ (ଅଲ୍ଲାଃ)ହିଁ ସମସ୍ତ ସତ୍ୟବାଦୀମାନଙ୍କ ଅପେକ୍ଷା ଅଧିକା ସତ୍ୟବାଦୀ ଅଟନ୍ତି । ସୁତରାଂ ଏବେ ଚିନ୍ତାକରି ଦେଖନ୍ତୁ ଯେ କିପରି ଖିଲାଫତର ପ୍ରତିଶୃତି ନିଜର ସମସ୍ତ ଆନୁଷଙ୍ଗିକ ଏବଂ ଲକ୍ଷଣ ସହିତ (ହଜରତ୍ ଅବୁ ବକର୍)ସିଦ୍ଦିକ୍ ର ଅଙ୍କ ଅସ୍ତିତ୍ୱରେ ପୂରଣ ହେଲା ।'' **(ସିର୍ରୁଲ୍ ଖିଲାଫାଃ ଉର୍ଦ୍ଦୁ ଅନୁବାଦ ପୃ-୩୦୭ ପ୍ରକାଶକ ନିଜାରତ୍ ଇଶାଅତ୍)**

ପୁଣି ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ଙ୍କ ସମ୍ବନ୍ଧରେ ବର୍ଣ୍ଣନା ଆସିଛି ଯେ ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ୟମାମା ଯୁଦ୍ଧ ଶେଷ କରି ଏବେ ସେହିଠାରେ ହିଁ ଥିଲେ ଯେ ହଜରତ୍ ଅବୁ ବକର୍ ର ଅ ତାଙ୍କ ନିକଟକୁ ପତ୍ର ଲେଖିଲେ ଯେ ଇରାକ ଆଡ଼କୁ ଅଗ୍ରସର ହୁଅ । **(ତାରିଖେ ତିବରୀ ଖ-୦୨,ପୃ-୩୦୭ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ଆଉ ଗୋଟିଏ ରିଓ୍ୱାୟତରେ ଆସିଛି ଯେ ହଜରତ୍ ଅଲା ବିନ୍ ହଜରମୀ ର ଅ ହଜରତ୍ ଅବୁ ବକର୍ ର ଅଙ୍କ ନିକଟରୁ କମକ(ଅର୍ଥାତ ସୈନ୍ୟ ସାହାଯ୍ୟ)ମାଗିଲେ । ସୁତରାଂ ହଜରତ୍ ଅବୁ ବକର୍ ର ଅ ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ଙ୍କୁ ଲେଖିଲେ ଏବଂ ନିର୍ଦ୍ଦେଶ ଦେଲେ ଯେ ୟମାମାରୁ ଅଲାଙ୍କ ନିକଟକୁ ଯଥାଶୀଘ୍ର ଚାଲିଯାଅ ଏବଂ ତାଙ୍କୁ ଯାଇ ସାହାଯ୍ୟ କର । ସୁତରାଂ ସେ ତାଙ୍କୁ ସାହାଯ୍ୟ କରିବା ପାଇଁ ଯାଇ ସେଠାରେ ପହଂଚିଗଲେ । ହୁତମ୍ କୁ ସେଠାରେ ବଧ କଲେ । ପୁଣି ତାଙ୍କ ସହିତ ମିଶି ଖୁତକୁ ଘେରାଉଟ କଲେ । ବହରିନ୍ ଦେଶରେ ଥିବା ଅବ୍ଦୁଲ୍ କୈସ ଜନଜାତିର ମହଲା (ଇଲାକା)ର ନାମ ହେଉଛି ଖୁତ୍ । ସେଠାରେ ପ୍ରଚୁର ମାତ୍ରାରେ ଖଜୁରୀ ହୋଇଥାଏ । ତାପରେ ହଜରତ୍ ଅବୁ ବକର୍ ର ଅ ତାଙ୍କୁ ଇରାକ ଆଡ଼କୁ ଯିବାକୁ ନିର୍ଦ୍ଦେଶ ଦେଲେ । ସୁତରାଂ ସେ ବହରିନ୍‌ରୁ ସେଠାକୁ (ଅର୍ଥାତ୍ ଇରାକକୁ)ଚାଲିଗଲେ । **(ଫୁତୁହୁଲ୍ ବୁଲଦାନ୍ ଅଜ୍ ବଲାଜରୀ ମୁତରଜିମ୍ ପୃ-୧୩୫ ମୁଦ୍ରିତ ନଫିସ୍ ଏକାଡ଼େମୀ କରାଚି)(ମୁଅଜମୁଲ୍ ବୁଲ୍‌ଦାନ୍ ଖ-୦୨ପୃ-୪୩୩)**

ମୁଜାଅ ବିନ୍ ମୁରାରାଃଙ୍କ ଝିଅ ସହିତ ହଜରତ୍ ଖାଲିଦ୍ ର ଅଙ୍କ ବିବାହ ସମ୍ବନ୍ଧରେ ଯେଉଁ ପ୍ରଶ୍ନ ଉପସ୍ଥାପନ କରାଯାଉଅଛି ,ସେ ପ୍ରସଙ୍ଗରେ ଇତିହାସ ପୁସ୍ତକ ତଥା ଜୀବନୀ ପୁସ୍ତକମାନଙ୍କରେ ଉଲ୍ଲେଖ ରହିଛି ଯେ ୟମାମା ଯୁଦ୍ଧ ଶେଷ ହେବା ପରେ ବନୁ ହନିଫାର ଅବଶିଷ୍ଟ ବଂଚିଥିବା ଲୋକମାନଙ୍କ ସହିତ ସୁଲାହ୍(ଶାନ୍ତି ଚୁକ୍ତି)କରିବା ପରେ ହଜରତ୍ ଖାଲିଦ୍ ର ଅ ଙ୍କର ଗୋଟିଏ ବିବାହ ଅନୁଷ୍ଠିତ ହୋଇଥିଲା । ଐତିହାସିକଙ୍କ ମତରେ ହଜରତ୍ ଅବୁ ବକର୍ ର ଅ ଙ୍କୁ ଯେବେ ଏହି ବିବାହ ସମ୍ବନ୍ଧରେ ଜଣାପଡ଼ିଲା ,ସେ ହଜରତ୍ ଖାଲିଦ୍ ର ଅଙ୍କ ଉପରେ ନାରାଜ୍ ହେଲେ । କିନ୍ତୁ ଯେବେ ହଜରତ୍ ଖାଲିଦ୍ ର ଅ ଚିଠି ମାଧ୍ୟମରେ ସବିଶେଷ ସ୍ୱଷ୍ଟୀକରଣ ଦେଲେ ,ସେତେବେଳେ ହଜରତ୍ ଅବୁ ବକର୍ ର ଅ ଙ୍କ ସମସ୍ତ କ୍ରୋଧ ଅପସରି ଗଲା । ହଜରତ୍ ଖାଲିଦ୍ ର ଅଙ୍କ ସ୍ୱଷ୍ଟୀକରଣ ଅନୁଯାୟୀ ସୁଲାହ୍ ହୋଇଯିବା ପରେ ଖାଲିଦ୍ ର ଅ ମୁଜ୍ଜାଅଙ୍କ ନିକଟରେ ଏ ଡ଼ିମାଣ୍ଡ କଲେ ଯେ ସେ ତାଙ୍କ ଝିଅର ବିବାହ ନିଜ ସହିତ କରାଇଦିଅନ୍ତୁ । ମୁଜ୍ଜାଅଙ୍କୁ ମାଲିକ୍ ବିନ୍ ନୁଓ୍ୱେରାଃ ଙ୍କ ପତ୍ନୀ ଲୈଲା ଉମ୍ମେ ତମିମ୍ ଙ୍କ ଘଟଣା ତଥା ହଜରତ୍ ଅବୁ ବକର୍ ର ଅଙ୍କର ହଜରତ୍ ଖାଲିଦ୍ ର ଅଙ୍କ ଉପରେ ଅପ୍ରସନ୍ନତା ପ୍ରକାଶ କରିବା ବିଷୟରେ ଜ୍ଞାନ ଥିଲା । ସୁତରାଂ ସେ କହିଲା ଯେ ଏବେ ରହିଯାଅ । ଆପଣ ମୋ ଅଂଟା ଭାଙ୍ଗିବାର କାରଣ ହେବେ ଏବଂ ନିଜେ ବି ହଜରତ୍ ଅବୁ ବକର୍ ର ଅ ଙ୍କ କ୍ରୋଧରୁ ବଂଚି ପାରିବେ ନାହିଁ । କିନ୍ତୁ ହଜରତ୍ ଖାଲିଦ୍ ର ଅ କହିଲେ ଯେ ତୁମେ ମୋ ସହିତ ତୁମ ଝିଅର ବିବାହ କରିଦିଅ । ଅତଃ ସେ ନିଜ ଝିଅର ବିବାହ ହଜରତ୍ ଖାଲିଦ୍ ର ଅଙ୍କ ସହିତ କରିଦେଲେ । ହଜରତ୍ ଅବୁ ବକର୍ ର ଅ ୟମାମା ଯୁଦ୍ଧର ଖବର ଅପେକ୍ଷାରେ ରହୁଥିଲେ । ସେ ହଜରତ୍ ଖାଲିଦ୍ ର ଅ ଙ୍କ ପତ୍ରବାହକଙ୍କୁ ଅପେକ୍ଷା କରୁଥିଲେ । ଦିନେ ସଂଧ୍ୟା ବେଳେ ସେ ମୁହାଜିର୍ ଏବଂ ଅନସାରମାନଙ୍କ ଗୋଟିଏ ଦଳ ସହିତ ଗୋଟିଏ ସ୍ଥାନରେ ଥିଲେ ଯେ ସେଠାରେ ଖାଲିଦ୍ ର ଅ ଙ୍କ ଦୂତ ଅବୁ ଖୈସମା ର ଅ ଙ୍କ ସହିତ ସାକ୍ଷାତ ହୋଇଗଲା । ତାଙ୍କୁ ଦେଖି ହଜରତ୍ ଅବୁ ବକର୍ ର ଅ ପଚାରିଲେ :ପଛରେ କ'ଣ ଖବର ଚାଲିଛି ? ସେ କହିଲେ ଯେ ସବୁ କିଛି କୁଶଳ ମଙ୍ଗଳ । ହେ ରସୁଲଙ୍କ ଖଲିଫା ! ଅଲ୍ଲାଃତାଲା ଆମକୁ ୟମାମା ଉପରେ ବିଜୟ ପ୍ରଦାନ କରିଛନ୍ତି । ଏବେ ଆପଣ ହଜରତ୍ ଖାଲିଦ ର ଅଙ୍କ ଚିଠି ନିଅନ୍ତୁ । ହଜରତ୍ ଅବୁ ବକର୍ ର ଅ ସଙ୍ଗେ ସଙ୍ଗେ ସଜଦାଃ ଶୁକର(ଅଲ୍ଲାଃଙ୍କ ନିକଟରେ କୃତଜ୍ଞତା ଜଣାଇ ନତମସ୍ତକ)ହେଲେ ଓ କହିଲେ ମତେ ଏହି ଯୁଦ୍ଧର ବିବରଣୀ ଶୁଣାଅ ଏହା କିପରି ହେଲା ? ଏହି ପ୍ରସଙ୍ଗରେ ଗୋଟିଏ ରିଓ୍ୱାୟତ୍ ପୂର୍ବରୁ ମଧ୍ୟ ବର୍ଣ୍ଣନା କରାସରିଛି । ପୁଣି ବି ଅବୁ ଖୈସମା ଯୁଦ୍ଧର ବିବରଣୀ ବର୍ଣ୍ଣନା କରି କହିଲେ ଯେ ଖାଲିଦ୍ ର ଅ କ'ଣ କ'ଣ କରିଥିଲେ ଓ କିପରି ସୈନ୍ୟମାନଙ୍କର ସାଜ ସଜ୍ଜା କରିଥିଲେ ,କେଉଁ ସବୁ ସାହାବାମାନେ ଶହୀଦ ହୋଇଥିଲେ ଏବଂ କିପରି ଆମକୁ ଶତୃମାନଙ୍କର ସାମ୍ନା କରିବାକୁ ପଡ଼ିଥିଲା । ସେମାନେ ଆମକୁ ଏମିତି ସବୁ ଜିନିଷର ଅଭ୍ୟସ୍ତ କରିଦେଇଥିଲେ ,ଯାହା ଆମେ ଭଲଭାବରେ ଜାଣି ହିଁ ନଥିଲୁ ।

ପୁଣି ହଜରତ୍ ଖାଲିଦ୍ ର ଅ ଙ୍କ ବିବାହ ପ୍ରସଙ୍ଗରେ ବି ଚର୍ଚ୍ଚା ହେଲା । ହଜରତ୍ ଅବୁ ବକର୍ ର ଅ ହଜରତ୍ ଖାଲିଦ୍ ର ଅ ଙ୍କୁ ଚିଠି ଲେଖିଲେ ଯେ ହେ ଉମ୍ମେ ଖାଲିଦ୍‌ଙ୍କ ପୁତ୍ର ! ତୁମକୁ ସେଠାରେ ମହିଳମାନଙ୍କୁ ବିବାହ କରିବା କଥା ଜଣାଅଛି ଯେବେକି ବତ୍ୟମାନ ତୁମ ଅଗଣାରେ ବାରଶହ ମୁସଲମାନମାନଙ୍କ ଲହୁ/ରକ୍ତ ଏପର୍ଯ୍ୟନ୍ତ ଶୁଖିନାହିଁ । ମୁଜ୍ଜାଅ ତୁମକୁ ଧୋକା ଦେଇ ସୁଲାହ୍ (ଶାନ୍ତି ଚୁକ୍ତି)କରିସାରିଛି । ଯେବେକି ଅଲ୍ଲାଃତାଲା ତୁମକୁ ସେମାନଙ୍କ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

ଉପରେ ସମ୍ପୂର୍ଣ୍ଣ କ୍ଷମତା ଦେଇଥିଲେ । ମୁଜ୍ଜାଅ ସହିତ ସମନ୍ୱୟ ରକ୍ଷା କରିବା ଏବଂ ତା ଝିଅକୁ ବିବାହ କରିବା ପାଇଁ ରସୁଲୁଲ୍ଲାଃଙ୍କ ଖଲିଫା ଅବୁ ବକର୍ ର ଅ ତରଫରୁ ଏହି ତାଗିଦ୍ ଖାଲିଦ ର ଅଙ୍କ ନିକଟକୁ ପହଂଚିଲା । ସୁତରାଂ ସେ ହଜରତ୍ ଅବୁ ବକର୍ ର ଅ ଙ୍କ ନିକଟକୁ ଉତରରେ ଗୋଟିଏ ପତ୍ର ଲେଖି ପଠାଇଥିଲେ , ଯେଉଁଥିରେ ସେ ନିଜର ସ୍ଥିତି ବିଷୟରେ ଅବଗତ କରାଇଥିଲେ ଏବଂ ନିଜ ପ୍ରତିରକ୍ଷା କରିଥିଲେ । ହଜରତ୍ ଖାଲିଦ୍ ର ଅ ଲେଖିଥିଲେ ଯେ ଅମ୍ମା ବାଦ୍ ! ଧର୍ମର ରାଣ ! ଯେପର୍ଯ୍ୟନ୍ତ ଶାନ୍ତି ଏବଂ ସ୍ଥିରତା ସମ୍ପୂର୍ଣ୍ଣ ରୂପେ କାଏମ୍ ହୋଇନଥିଲା ଓ ମୁଁ ସେପର୍ଯ୍ୟନ୍ତ ବିବାହ କରିନଥିଲି । ମୁଁ ଏପରି ଜଣେ ଲୋକର ଝିଅକୁ ବିବାହ ହୋଇଛି ,ଯଦି ମୁଁ ମଦିନାରୁ ପୈଗାମ୍(ବିବାହ ପ୍ରସ୍ତାବ)ପଠାଇଥାନ୍ତି ତାହେଲେ ବି ସେ ମନାକରିନଥାନ୍ତେ । କ୍ଷମା ଚାହୁଁଛି ମୁଁ ମୋ ସ୍ଥାନରୁ ପ୍ରସ୍ତାବ ପଠାଇବାକୁ ପସନ୍ଦ କଲି । ଯଦି ଆପଣଙ୍କୁ ଏହି ବିବାହ ବନ୍ଧନ ଧାର୍ମିକ ତଥା ସାଂସାରିକ ଦୃଷ୍ଟିକୋଣରୁ ପସନ୍ଦ ନାହିଁ ,ତେବେ ମୁଁ ଆପଣଙ୍କର ଇଚ୍ଛାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଅଛି । ଏବେ ମୁସଲମାନ୍ ପୀଡ଼ିତମାନଙ୍କ ପ୍ରତି ସମବେଦନା ପ୍ରକାଶ କରିବା କଥା ଉଠୁଛି , ଯଦି କାହାର ଦୁଃଖ ପ୍ରକାଶ କରିବ ଦ୍ୱାରା କିଏ ଜିଇଁ ପାରିବ ବା ମୃତ ଲୋକକୁ ଜୀବିତ ଫେରାଇ ଆଣିପାରିବ ତାହେଲେ ମୋ ଦୁଃଖ ପ୍ରକାଶ ଦ୍ୱାରା ଜୀବନ୍ତ ମାନଙ୍କୁ ବାକି ରଖିଥାନ୍ତା ଏବଂ ମୃତ ମାନଙ୍କୁ ଫେରାଇ ଦିଅନ୍ତା । ମୁଁ ଏମିତି ଭାବରେ ଆକ୍ରମଣ କରିଛି ଯେ ମୁଁ ଜୀବନରୁ ନିରାଶ ହୋଇଗଲି । ମୁଁ ମୋ ମୃତ୍ୟୁ ଉପରେ ବିଶ୍ୱାସ କରିନେଲି । ଏବେ ମୁଜ୍ଜାଅର ପ୍ରତାରଣା କଥା ଉଠୁଛି । ମୁଁ ଏ ବିଷୟରେ ଭୂଲ କରିନଥିଲି କିନ୍ତୁ ମତେ ଅଦୃଶ୍ୟର ଜ୍ଞାନ ଦିଆଯାଇନାହିଁ (ଅର୍ଥାତ୍ ମୁଁ ସର୍ବଜ୍ଞ ନୁହେଁ) । ଅଲ୍ଲାଃତାଲା ଯାହା କରିଛନ୍ତି ତାହା ମୁସଲମାନମାନଙ୍କ ମଙ୍ଗଳ ସାଧନ ନମନ୍ତେ କରିଛନ୍ତି । ସେମାନଙ୍କୁ ଏ ପୃଥିବୀର ଉତରାଧିକାରୀ ଭାବରେ ପରିଣତ କରିଦେଇଛନ୍ତି । ଶେଷ ପରିଣତି ମୁତତକୀ(ଧର୍ମପରାୟଣ)ମାନଙ୍କ ପାଇଁ ହି ଭଲ ହୋଇଥାଏ । ଯେତେବେଳେ ହଜରତ୍ ଅବୁ ବକର୍ ର ଅଙ୍କୁ ଏହି ଚିଠି ହସ୍ତଗତ ହେଲା ,ସେତେବେଳେ ତାଙ୍କର କ୍ରୋଧ ପ୍ରଶମିତ ହେବାକୁ ଲାଗିଲା । ହଜରତ୍ ଖାଲିଦ୍ ର ଅଙ୍କ ଚିଠି ଆଣିଥିବା ଦୂତ ଏବଂ କୁରୈଶର ଗୋଟିଏ ଦଳ ,ଉଭୟେ ହଜରତ୍ ଖାଲିଦ୍ ର ଅଙ୍କ ତରଫରୁ କ୍ଷମା ପ୍ରାର୍ଥନା କଲେ । ଏଥିରେ ହଜରତ୍ ଅବୁ ବକର୍ ର ଅ କହିଲେ ତୁମେମାନେ ସତ୍ୟ କହୁଅଛ ଏବଂ ହଜରତ୍ ଖାଲିଦ୍ ର ଅ ଙ୍କ ସ୍ପଷ୍ଟିକରଣ ଏବଂ କ୍ଷମା ପ୍ରାର୍ଥନାକୁ ଗ୍ରହଣ କଲେ । **(ଅଲଇକ୍ତିଫାଅ,ଖ-୦୨,ଭା-୦୧, ପୃ-୬୯-୭୦ ଆଲିମୁଲ୍ କୁତୁବ୍ ବେରୁତ୍ ୦-୧୯୯୭) (ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ -ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ,ଉର୍ଦ୍ଦୁ ଅନୁବାଦ ପୃ-୩୬୭,୩୬୮)**

ବାକି ଇନଶାଅଲ୍ଲାଃ ଆସନ୍ତାକୁ ବର୍ଣ୍ଣନା କରାଯିବ । ମୁରତଦ୍ଦୀନ୍ ମାନଙ୍କ ଗୋଟିଏ କାହାଣୀ ତ ଏଠାରେ ଶେଶ ହୋଇଗଲା । *(ଅଲଫଜଲ୍ ଇଂଟରନ୍ୟାସନାଲ୍ ୦୧ଜୁଲାଇ ୨୦୨୨ ପୃ-୫-୯)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ........*

ପ୍ରସ୍ତୁତି ଆରମ୍ଭ କଲେ,ସେତେବେଳେ ତାଙ୍କ ସହିତ ନୁମାନ ବିନ୍ ଜୌନ୍ଙ୍କ ଝିଅ ମଧ୍ୟ ଥିଲେ,ଯାହାଙ୍କ ସହିତ ସେ ଯୁଦ୍ଧ କ୍ଷେତ୍ରରେ ହିଁ ବିବାହ କରିସାରିଥିଲେ । ଯଦିଓ ସେ ଏକଥା ଜାଣିଥିଲେ ଯେ ଏହା ପୂର୍ବରୁ ଉମ୍ମେ ତମିମ୍ ଏବଂ ମୁଜାଅଙ୍କ ଝିଅକୁ ବିବାହ କରିବା ଯୋଗୁଁ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ୍ ଖାଲିଦ୍ ର ଅଙ୍କ ଉପରେ ବହୁତ ନାରାଜ୍ ହୋଇଥିଲେ । ଏହାର ବିସ୍ତାର ବିବରଣୀ ବିଗତ ଖୁତବାରେ ଚର୍ଚ୍ଚା କରାଯାଇଛି । କିନ୍ତୁ ସେ ଅର୍ଥାତ ହଜରତ୍ ଇକରମାଃ ର ଅ ଏହା ସତ୍ୱେ ମଧ୍ୟ ତାଙ୍କୁ ବିବାହ କରିନେଲେ । ଏଥିରେ ହଜରତ୍ ଇକରମାଃ ର ଅ ଙ୍କ ସେନାର ଅନେକ ସଦ୍ୟସ ତାଙ୍କଠାରୁ ଅଲଗା ହୋଇଗଲେ । ଏହି ମାମଲା ହଜରତ୍ ମୁହାଜିର୍ ର ଅଙ୍କ ସାମନାରେ ପେଶ୍ କରାଗଲା । କିନ୍ତୁ ସେ ବି କୌଣସି ନିଷ୍ପତି କରିପାରିଲେ ନାହିଁ । ସୁତରାଂ ଏହି ସମସ୍ତ ଘଟଣା ବିଷୟରେ ହଜରତ୍ ଅବୁ ବକର୍ ର ଅ ଙ୍କ ନିକଟକୁ ଲେଖି ତାଙ୍କଠାରୁ ତାଙ୍କ ମତ/ରାୟ ଲୋଡ଼ିଲେ । ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଲେଖିଲେ ଯେ ଇକରମାଃ ବିବାହ କରି କୌଣସି ଅନୁଚିତ କାମ କରିନାହାନ୍ତି । ଏଥିରେ ଯେଉଁ କିଛି ଲୋକେ ନାରାଜ ଥିଲେ ,ସେମାନେ ସନ୍ତୁଷ୍ଟ ହୋଇଗଲେ । ଏ କଥା ବି ବର୍ଣ୍ଣନା କରାଯାଉଛି ଯେ ଯେଉଁ କିଛି ଲୋକ ହଜରତ୍ ଇକରମାଃଙ୍କଠାରୁ ନାରାଜ ଥିଲେ,ସେମାନଙ୍କର ନାରାଜ ହେବାର କାରଣ ଏହା ଥିଲା ଯେ ନୁମାନ ବିନ ଜୌନ ଏକଦା ରସୁଲୁଲ୍ଲାଃ ସ ଆ ସ ଙ୍କ ଗୋଚରେ ହାଜିର ହୋଇ ନିବେଦନ କରିଥିଲା ଯେ ମହାଭାଗ ସ ଆ ସ ତା ଝିଅକୁ ନିଜ ପତ୍ନୀ ଭାବରେ ଗ୍ରହଣ କରନ୍ତୁ । କିନ୍ତୁ ରସୁଲୁଲ୍ଲାଃ ସ ଆ ସ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ଏବଂ ତା ଝିଅକୁ ତା ବାପା ସହିତ ଫେରାଇ ଦେଇଥିଲେ । ଯେହେତୁ ରସୁଲୁଲ୍ଲାଃ ସ ଆ ସ ନୁମାନର ଝିଅକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ,ତେଣୁ ହଜରତ୍ ଇକରମାଃ ର ଅ ଙ୍କ ସେନାବାହିନୀର ଗୋଟିଏ ଦଳର ମତ ଏହା ଥିଲା ଯେ ମହାଭାଗ ସ ଆ ସଙ୍କ ଆଦର୍ଶ ଉପରେ ପରିଚାଳିତ ହୋଇ ହଜରତ୍ ଇକରମାଃ ର ଅ ଙ୍କୁ ବିବାହ କରିବାର ନଥିଲା । ତାଙ୍କୁ ବିବାହ କରିବା ଉଚିତ ନଥିଲା । କିନ୍ତୁ ହଜରତ୍ ଅବୁ ବକର୍ ର ଅ ଏହି ଦଲିଲ୍କୁ ସ୍ୱୀକାର କଲେ ନାହିଁ । ସେ କହିଲେ ଯେ ଏହା ସମ୍ପୂର୍ଣ୍ଣ ଭୂଲ । ସୁତରାଂ ସେ ହଜରତ୍ ଇକରମାଃ ର ଅଙ୍କ ବିବାହକୁ ଉଚିତ ଅଭିହିତ କଲେ । ହଜରତ୍ ଇକରମାଃ ର ଅ ନିଜ ପତ୍ନୀଙ୍କୁ ସାଥିରେ ଧରି ମଦିନା ଲେଉଟି ଆସିଲେ । ସୈନ୍ୟବାହିନୀ ର ଯେଉଁ ଦଳଟି ତାଙ୍କଠାରୁ ନାରାଜ ଥିଲା ଓ ଅଲଗା ହୋଇଯାଇଥିଲା , ସେ ବି ପୁନର୍ବାର ତାଙ୍କ ସହିତ ମିଶିଗଲା । **(ହଜରତ୍ ଅବୁ ବକର୍ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ ପୃ-୨୪୨-୨୪୩ ମୁଦ୍ରିତ ଶରକତ୍ ପ୍ରଂଟିଂ ପ୍ରେସ୍ ଲାହୋର)**

ଅସମାଅ ବିନ୍ ନୁମାନ ବିନ୍ ଜୌନ୍ ,ଯେଉଁ ଝିଅ କଥା ଏଠାରେ କୁହାଗଲା ,ତାଙ୍କର ସଂକ୍ଷିପ୍ତ ପରିଚୟ ହେଉଛି ଏପରି କି ହଜରତ୍ ଇକରମାଃ ର ଅ ଯେଉଁ ମହିଳଙ୍କୁ ବିବାହ କରିଥିଲେ ,ବୁଖାରୀ ତଥା ହଦିସର ଅନ୍ୟ ପୁସ୍ତକଗୁଡ଼ିକରେ ତାଙ୍କ ସମ୍ପର୍କରେ ରିୱାୟତ ଉଲ୍ଲେଖ ରହିଛି । ସେହି ମହିଳଙ୍କର ନିକାହ୍ ନବି କରିମ୍ ସ ଆ ସଙ୍କ ସହିତ ହୋଇଥିଲା । କିନ୍ତୁ ରଖସତି (ଅର୍ଥାତ ଝିଅ ବିଦା ହୋଇ ସ୍ୱାମୀଙ୍କ ନିକଟକୁ ଯିବା) ପୂର୍ବରୁ ସେ ଏମିତି କାମ କରିଦେଲେ ଯେ ରସୁଲୁଲ୍ଲାଃ ସ ଆ ସ ସେହି ମହିଳାଙ୍କୁ ତାଙ୍କ କବିଲା ନିକଟକୁ ପଠାଇ ଦେଇଥିଲେ । ତାଙ୍କ ନାମ ସମେତ ଏହି ଘଟଣାବଳୀ ରେ ଅନେକ ମତପାର୍ଥକ୍ୟ ରହିଛି । କେହି କେହି ତାଙ୍କ ବିବାହ ହଜରତ୍ ମୁହାଜିର୍ ବିନ୍ ଅବି ଉମୈୟାଙ୍କ ସହିତ ହୋଇଥିବ କଥା ବି କହିଥାନ୍ତି । ସେ ଯାହ ବି ହେଉ ଏହି ଘଟଣାର ସବିଶେଷ ବିବରଣୀ ଉଲ୍ଲେଖ କରି ହଜରତ୍ ମୁସଲେହ୍ ମଉଦ୍ ର ଅ କୁହନ୍ତି ଯେ ଯେବେ ଆରବ ବିଜୟ ହେଲା ଏବଂ ଇସଲାମ୍ ବିସ୍ତାର/ବ୍ୟାପିବାକୁ ଲାଗିଲା,ସେତେବେଳେ କିନ୍ଦା କବିଲାର ଜଣେ ମହିଳା ,ଯାହାଙ୍କ ନାମ ଅସମାଅ କିମ୍ବା ଉମୈୟା ଥିଲା ଏବଂ ଜୌନିୟା ବା ବିନତଲ୍ ଜୌନ୍ ଥିଲା ବୋଲି କୁହାଯାଏ, ତାଙ୍କ ଭାଇ ଲୁକମାନ୍ ରସୁଲୁଲ୍ଲାଃ ସ ଆ ସ ଙ୍କ ସେବାରେ ନିଜ କୌମ ତରଫରୁ ପ୍ରତିନିଧି ସ୍ୱରୂପ ଉପସ୍ଥିତ ହୋଇ ଏ ଇଚ୍ଛା ପ୍ରକାଶ କଲା ଯେ ସେ ତା ଭଉଣୀଙ୍କ ବିବାହ ରସୁଲେ କରିମ୍ ସ ଆ ସଙ୍କ ସହିତ କରାଇବ । ରସୁଲେ କରିମ୍ ସ ଆ ସଙ୍କ ସହିତ ହାତ ମିଳାଇ ଅନୁରୋଧ କରିଥିଲା ଯେ ମୋ ଭଉଣୀ, ଯିଏ ପୂର୍ବରୁ ଜଣେ ସମ୍ପର୍କୀୟକୁ ବିବାହ କରିଥିଲେ ,ସେ ଏବେ ବେୱା (ବିଧବା)ହୋଇଯାଇଛନ୍ତି । ସେ ଅତ୍ୟନ୍ତ ସୁନ୍ଦର ଏବଂ ଯୋଗ୍ୟା ମହିଳା ଅଟନ୍ତି । ତେଣୁ ଆପଣ ତାଙ୍କୁ ବିବାହ କରନ୍ତୁ । ରସୁଲେ କରିମ୍ ସ ଆ ସଙ୍କୁ ଯେହେତୁ ଆରବର ଜନଜାତି(କବିଲା)ମାନଙ୍କର ମିଳନକୁ ପସନ୍ଦ ଥିଲା , ତେଣୁ ଆପଣ ସ ଆ ସ ତାର ଏହି ପ୍ରସ୍ତାବକୁ ସ୍ୱୀକାର କରିନେଲେ ଏବଂ ଆଦେଶ ଦେଲେ ଯେ ସାଢ଼େ ନଅ ଉକିୟା ରୁପା ବିନିମୟରେ (ଅର୍ଥାତ ହକ ମହର୍ ଧାର୍ଯ୍ୟ କରି)ନିକାହ ପଢ଼ିଦିଆଯାଉ । ସେ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ସ ଆ ସ! ଆମେମାନେ ଦୁର୍ବଳ ଶ୍ରେଣୀର ଓ ହକ୍ମହର୍ ବହୁତ କମ୍ ।

ମହାଭାଗ ସ ଆ ସ କହିଲେ ଏହାଠାରୁ ଅଧିକା ହକ୍ମହର୍ ମୁଁ ମୋର କୌଣସି ପତ୍ନୀଙ୍କ ପାଇଁ ବାନ୍ଧିନାହିଁ । ଏଥିରେ ସେ ସମ୍ମତ ହେବାରୁ ନିକାହ୍ ପଢ଼ାହେଲା । ସେ ରସୁଲେ କରିମ୍ ସ ଆ ସଙ୍କ ନିକଟରେ ନିବେଦନ କଲେ ଯେ କୌଣସି ଲୋକକୁ ପଠାଇ ନିଜ ପତ୍ନୀଙ୍କୁ ଘେନି ଆଣନ୍ତୁ । ମହାଭାବ ସ ଆ ସ ଅବୁ ଉସୈଦ୍ ଙ୍କୁ ଏହି କାମ କରିବାକୁ ନିଯୁକ୍ତ କଲେ । ସେ ସେଠାକୁ ଗଲେ । ଜୌନିୟା ତାଙ୍କୁ ନିଜ ଘରକୁ ଡ଼ାକିଲେ । ହଜରତ୍ ଅବୁ ଉସୈଦ୍ ର ଅ କହିଲେ ଯେ ରସୁଲେ କରିମ୍ ସ ଆ ସ ଙ୍କ ପତ୍ନୀମାନଙ୍କୁ ପର୍ଦ୍ଦା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ଏଥିରେ ସେ ଅନ୍ୟ ନିର୍ଦ୍ଦେଶନାମାଗୁଡ଼ିକ ବିଷୟରେ ପ୍ରଶ୍ନ କଲେ । ସେ ବିଷୟରେ ବି ଅବୁ ଉସୈଦ ତାଙ୍କୁ ଜଣାଇଦେଲେ । ପୁଣି ତାଙ୍କୁ ଓଟ ଉପରେ ବସାଇ ମଦିନା ଘେନି ଆଣିଲେ । ତାଙ୍କୁ ଗୋଟିଏ ଘରେ ଆଣି ଓହ୍ଲାଇଦେଲେ । ସେହି ଘରର ଚାରିପାଖରେ ଖଜୁରି ଗଛ ଭରି ରହିଥିଲା ତାଙ୍କ ସହିତ ତାଙ୍କ ଦାଇ(ଧାତ୍ରୀ)ଙ୍କୁ ମଧ୍ୟ ତାଙ୍କ ସମ୍ପର୍କୀୟ ମାନେ ପଠାଇଥିଲେ । ହଜରତ୍ ମୁସଲେହ୍ ମଉଦ୍ ର ଅ ଉଲ୍ଲେଖ କରିଛନ୍ତି ଯେ ଯେଉଁଭଳି ଆମ ଦେଶରେ ମଧ୍ୟ ଧନୀ ଲୋକମାନେ ଜଣେ ସାଧୁ ସେବକକୁ ଝିଅ ସହିତ ପଠାଇଥାନ୍ତି । ଏହାଦ୍ୱାରା ଝିଅକୁ କୌଣସି ପ୍ରକାରର ଅସୁବିଧା ନହେବ । ଯେହେତ ସେହି ମହିଳାଙ୍କ ସୌନ୍ଦର୍ଯ୍ୟ ପ୍ରଶିଦ୍ଧ ଥିଲା । ଏମିତି ତ ମହିଳାମାନଙ୍କୁ ବୋହୁ ଦେଖିବାର ସଉକ/ଆଗ୍ରହ ହୋଇଥାଏ ,ତେଣୁ ମଦିନାର ମହିଳାମାନେ ତାଙ୍କୁ ଦେଖିବାକୁ ଯାଇଥିଲେ । ସେହି ମହିଳାମାନଙ୍କ ବିବୃତି ଅନୁସାରେ କୌଣସି ଜଣେ ମହିଳା ତାଙ୍କୁ ଶିଖାଇଦେଲେ ଯେ ପ୍ରଥମ ଦିନରୁ ହିଁ ରୋବ୍ (ଭୁୟ/ପ୍ରଭାବ) ପକାଯାଇଥାଏ । ଯେବେ ରସୁଲୁଲ୍ଲାଃ ସ ଆ ସ ତୁମପାଖକୁ ଆସିବେ, ତୁମେ ତାଙ୍କୁ କହିଦେବ ଯେ ମୁଁ ଆପଣଙ୍କଠାରୁ ଅଲ୍ଲାଃଙ୍କ ଶରଣ ଚାହୁଁଛି । ଏଥିରେ ସେ ତୁମ ପ୍ରତି ଅଧିକା ଉତ୍ସର୍ଗ ହୋଇଯିବେ । ହଜରତ୍ ମୁସଲେହ୍ ମଉଦ୍ ର ଅ ଉଲ୍ଲେଖ କରିଛନ୍ତି ଯେ ଯଦି ଏହି କଥା ସେହି ମହିଳା ଦ୍ୱାରା ଗଢ଼ାଯାଇନାହିଁ ଅର୍ଥାତ ଯାହାର ବିବାହ ହୋଇଥିଲା ,ତାହେଲେ କିଛି ଆଶ୍ଚର୍ଯ୍ୟର କଥା ନାହିଁ ଯେ ଏହି ପ୍ରକାରର ବାକ୍ୟ କାହା ଜରିଆରେ କୁହାଇଦିଆଯାଇଥିବ । କୌଣସି ମୁନାଫିକ୍ (କପଟ ବିଶ୍ୱାସୀ)ର ପତ୍ନୀ ବା ଆଉ କୌଣସି ସମ୍ପର୍କୀୟ ଦ୍ୱାରା ଏପରି ଦୁଷ୍ଟାମି କରାଯାଇଥିବ ।

ଅତଃ ଯେବେ ତାଙ୍କ ଆଗମନର ସୂଚନା ରସୁଲୁଲ୍ଲାଃ ସ ଆ ସଙ୍କୁ ମିଳିଲା , ମହାଭାଗ ସ ଆ ସ ସେହି ଘର ଆଡ଼କୁ ଚାଲିଲେ ଯେଉଁ ଘର ତାଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଥିଲା । ହଦିସରେ ଏ ବିଷୟରେ ଉଲ୍ଲେଖ ରହିଛି । ଅନୁବାଦ ହେଉଛି ଏପରି କି ଯେତେବେଳେ ରସୁଲେ କରିମ୍ ସ ଆ ସ ତାଙ୍କ ନିକଟକୁ ଗଲେ ,ଆପଣ ସ ଆ ସ କହିଲେ ଯେ ତୁମେ ତୁମ ମନକୁ ମତେ ଅର୍ପଣ କରିଦିଅ । ସେ ଉତରରେ କହିଲେ ଯେ କ'ଣ ମହାରାଣୀ ବି ନିଜକୁ ଜଣେ ସାଧାରଣ ଲୋକଙ୍କ ନିକଟରେ ସମର୍ପଣ କରିବ ?

*କ୍ରମଶଃ.....*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

# :ଖୁତ୍‌ବା ଜୁମା:

ଯେହେତୁ ନବି ଅଲ୍ଲାଃଙ୍କ ନାମକୁ ଶୁଣି ଭକ୍ତିଭାବରେ ବୁଡ଼ିଯାଇଥାନ୍ତି ଏବଂ ଈଶ୍ୱରଙ୍କ ମହିମା ପ୍ରତି ଉତ୍ସର୍ଗୀ ହୋଇଥାନ୍ତି ତେଣୁ (ନିଜ ନୂଆ ବିବାହିତା ପତ୍ନୀଙ୍କ ଗୋଟିଏ) ବାକ୍ୟ ଶୁଣି ଆପଣ ସ ଆ ସ ତୁରନ୍ତ କହିଲେ ଯେ ତୁମେ ଜଣେ ବଡ଼ ଅସ୍ତିତ୍ୱର ରାଣ ଦେଇଅଛ ଏବଂ ତାହାର ଶରଣ ଭିକ୍ଷା କରିଅଛ,ଯିଏ ବାସ୍ତବିକ ହେଉଛନ୍ତି ଶରଣ ପ୍ରଦାନକାରୀ । ତେଣୁ ମୁଁ ତୁମର ନିବେଦନକୁ ଗ୍ରହଣ କରୁଅଛି । ସୁତରାଂ ମହାଭାଗ ସ ଆ ସ ସେହିକ୍ଷଣି ବାହାରକୁ ବାହାରି ଆସିଲେ ଏବଂ କହିଲେ ଯେ ହେ ଅବୁ ଉସୈଦ୍ ! ତାଙ୍କୁ ଦୁଇଟି ଚାଦର ଦେଇଦିଅ ଓ ତାଙ୍କ ଘରର ଲୋକମାନଙ୍କ ନିକଟରେ ତାଙ୍କୁ ପହଂଚାଇ ଦିଅ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କରାଅଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ ୧୭ ଜୁନ୍ ୨୦୨୨ ଅନୁଯାୟୀ ୧୭ ଏହ୍‌ସାନ୍ ୧୪୦୧ ହିଜ୍‌ରୀ ଶମସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ପୂର୍ବ ଖୁତବାରେ ମୁଁ ଏହା ବର୍ଣ୍ଣନା କରିଥିଲି ଯେ ମୁରତଦ୍ଦୀନ୍ (ବିଦ୍ରୋହୀ) ଓ ମୁନାଫିକୀନ୍(କପଟୀ)ମାନଙ୍କର କାହାଣୀ ସମାପ୍ତ ହେଲା,ଯାହା ୟମାମା ଯୁଦ୍ଧ ସହିତ ଜଡ଼ିତ ଥିଲା ଏବଂ ମୁସଲେମାଃ କଜ୍ଜାବ୍ ଓ ତା ସାଥିମାନଙ୍କର ଯେଉଁ କାହାଣୀ ଥିଲା ତାହା ବିଗତ ଖୁତବାରେ ଶେଷ ହୋଇଥିଲା । ଯେଉଁ ମୁରତଦ୍ଦୀନ(ବିଦ୍ରୋହୀ)ମାନେ ହଜରତ୍ ଅବୁ ବକର୍ ର ଅଙ୍କ ସମୟରେ ଅସ୍ତ୍ରଶସ୍ତ୍ର ଉଠାଇଥିଲେ,ସେମାନଙ୍କର ଚର୍ଚ୍ଚା ଏବେ ଜାରିଅଛି । ମୁଁ ଯେପରି ପୂର୍ବରୁ କହିଥିଲି ଯେ ସେଠାରେ ଅନେକ ଅଭିଯାନ ହୋଇଥିଲା । ପ୍ରଥମ ଅଭିଯାନ ଯାହା ବହୁତ ଲମ୍ବା ଥିଲା,ତାହା ସେ ବିଷୟରେ ବର୍ଣ୍ଣନା କରାଯାଇଥିଲା । ଅବଶିଷ୍ଟ ରହିଯାଇଥିବା ଦଶଟି ଅଭିଯାନ ରହିଛି ସେମାନଙ୍କ ମଧ୍ୟରୁ ଦୁଇ ବା ତିନୋଟି ଅଭିଯାନ ବିଷୟରେ ଆସିଛି ଯେ ହଜରତ୍ ହୁଜୈଫା ର ଅ ଏବଂ ହଜରତ୍ ଅରଫଜାଃ ର ଅଙ୍କ ଜରିଆରେ ଏହି ଅଭିଯାନ ହୋଇଥିଲା ,ଯାହା ଓମାନର ମୁରତଦ୍ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଅଭିଯାନ ଥିଲା । ଓମାନ ହେଉଛି ବହରିନ୍ ଦେଶ ନିକଟରେ ଅବସ୍ଥିତ ୟମନ ଦେଶର ଗୋଟିଏ ସହର । ତାହା ପାର୍ସୀ ଉପସାଗର ଏବଂ ଆରବ ସାଗର ମଧ୍ୟରେ ଅବସ୍ଥିତ । ସେ ସମୟରେ ବର୍ତମାନର ସଂଯୁକ୍ତ ଆରବ ଏମିରେଟ୍ସର ପୂର୍ବାଂଚଳ ବି ଅନ୍ତର୍ଭୁକ୍ତ ଥିଲା । ସେଠାରେ ମୂର୍ତିପୂଜା କରୁଥିବା ଅଜଦ୍ ଏବଂ ଅନ୍ୟାନ୍ୟ କବିଲାର ଜନଜାତି ବସବାସ କରୁଥିଲେ । ସେମାନେ ମଜୁସି ଧର୍ମର ଥିଲେ । ମସ୍କଟ,ସୁହାର୍ ଏବଂ ଦୁବାଇର ଉପକୂଳବର୍ତୀ ସହର ଥିଲା । ଆଁ ହଜରତ୍ ସ ଆ ସଙ୍କ ପବିତ୍ର ଯୁଗରେ ଓମାନ୍ ଇରାନୀୟମାନଙ୍କ ପ୍ରଶାସନରେ ଅନ୍ତର୍ଭୁକ୍ତ ଥିଲା ଏବଂ ସେମାନଙ୍କ ତରଫରୁ ଜାଫର ନାମଧାରୀ ଜଣେ ବ୍ୟକ୍ତି ଆମିଲ୍ (ସରକାରଙ୍କ ଏଜେଂଟ ବା କାରପରଦାଜ)ଭାବରେ ନିଯୁକ୍ତ ହୋଇଥିଲା । ସେହି ଇଲାକାରେ ମଜୁସୀ ଧର୍ମ ବ୍ୟାପି ରହିଥିଲା । ରସୁଲୁଲ୍ଲାଃ ସ ଅ ସ ୦୮ ହିଜରୀରେ ହଜରତ୍ ଅବୁ ଜୈଦ୍ ଅନସାରୀ ର ଅଙ୍କୁ ଇସଲାମର ତବଲିଗ୍ (ପ୍ରଚାର ଏବଂ ପ୍ରସାର)ନିମନ୍ତେ ଏବଂ ହଜରତ୍ ଅମରୋ ବିନ୍ ଆସ୍ ର ଅଙ୍କ ହାତରେ ସେଠିକାର ଦୁଇଜଣ ରଇସ୍ (ସରଦାର)ଭାଇ ଜାଫର୍ ବିନ୍ ଜୁଲୁନ୍ଦି ଓ ଅବାଦ୍ ବିନ୍ ଜୁଲୁନ୍ଦିଙ୍କ ନାମରେ ଚିଠି ଦେଇ ପଠାଇଲେ ।

ରସୁଲୁଲ୍ଲାଃ ସ ଆ ସଙ୍କ ଚିଠିର ବିଷୟବସ୍ତୁ ଏପରି ଥିଲା । ବିସମିଲ୍ଲାହିର୍ ରହମାନିର୍ ରହିମ୍ । ଏହି ଚିଠି ମୁହମ୍ମଦ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ ଅଲ୍ଲାଃଙ୍କ ଭକ୍ତ ଏବଂ ଅଲ୍ଲାଃଙ୍କ ରସୁଲଙ୍କ ତରଫରୁ ଜାଫର ଏବଂ ଅବାଦଙ୍କ ପୁତ୍ର ଜୁଲୁନ୍ଦି ଦ୍ୱୟଙ୍କ ଆଡ଼କୁ ପ୍ରେରଣ କରାଯାଉଅଛି । ଯିଏ ହିଦାୟତ(ଅର୍ଥାତ୍ ଈଶ୍ୱରଙ୍କ ତରଫରୁ ଆସିଥିବା ମାର୍ଗଦର୍ଶନ)ର ଅନୁସରଣ କରେ,ତା ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ମୁଁ ତୁମକୁ ଇସଲାମ ଆଡ଼କୁ ନିମନ୍ତ୍ରଣ କରୁଛି । ତୁମେ ଇସଲାମ ଗ୍ରହଣ କରିନିଅ । ସୁରକ୍ଷିତ ରହିବ । ମୁଁ ଅଲ୍ଲାଃଙ୍କ ରସୁଲ୍ (ଅର୍ଥାତ ପ୍ରେରିତ ଦୂତ)ଅଟେ । ମୋତେ ସମଗ୍ର ସଂସାର ପାଇଁ ପଠାଯାଇଅଛି । ଯଦି ତୁମେ ଇସଲାମ୍ ଧର୍ମ ଗ୍ରହଣ କରିନିଅ ତାହେଲେ ମୁଁ ତୁମକୁ ସେଠିକାର ପ୍ରଥା ଅନୁସାରେ ହାକିମ(ଶାସକ)ଭାବରେ ରହିବାକୁ ଦେବି । ଯଦି ତୁମେ ଇସଲାମ୍ ଗ୍ରହଣ କରିବାକୁ ଅସ୍ୱୀକାର କର ତାହେଲେ ତୁମର ରାଜ୍ୟ ତୁମଠାରୁ ଛଡ଼ାଇନିଆଯିବ ।

**(ସିରତ୍ ହଜରତ୍ ଅମରୋ ବିନ୍ ଆସ୍ ର ଅ ପୃ-୪୯ ସଂକଳକ ଡ଼ାଃ ହସନ୍ ଇବ୍ରାହୀମ୍ ହସନ୍ ଉର୍ଦ୍ଦୁ ଅନୁବାଦ ଶେଖ୍ ମୁହମ୍ମଦ୍ ଅହମଦ୍ ପାନିପତି)(ଫୁତୁହୁଲ୍ ବୁଲଦାନ୍ ପୃ-୧୦୩-୧୦୪ ମୁସିସତୁଲ୍ ମୁଆରିଫ୍ ବେରୁତ୍ ୧୯୮୭)(ଫରହଙ୍ଗ ସିରତ୍ ପୃ-୨୦୯ ଜୱାର୍ ଏକାଡ଼େମୀ ପବ୍ଲିକେଶନ୍ସ କରାଚି ୨୦୦୩)(ଇଟଲସ୍ ସିରତ୍ ନବୱି ସ ଆ ସ ପୃ-୬୮ ମକତବାଃ ଦାରୁସ୍ ସଲାମ୍ ଅର୍‌ରିୟାଜ୍ ୧୪୨୪ ହିଜ୍ରୀ)**

କେତେକ ରିୱାୟତ ଅନୁଯାୟୀ ଦୀର୍ଘ ଦିନ ଧରି ଆଲୋଚନା କରିବା ପରେ ସେହି ଦୁଇ ଭାଇ ଇସଲାମ୍ ଗ୍ରହଣ କରିନେଲେ । ଆଉ ଏକ ରିୱାୟତ ମୁତାବକ ଓମାନର ଶାସକ ଜାଫର୍ କହିଲେ ଯେ ମତେ ଇସଲାମ୍ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ମୁଁ ଭୟ କରୁଛି ଯେ ଯଦି ମୁଁ ଏଠାରୁ ଜକାତ ଆଦାୟ କରି ମଦିନା ପଠାଇବି ତାହେଲେ ମୋ କୌମ୍ (ସମ୍ପ୍ରଦାୟ)ର ଲୋକମାନେ ମୋ ଉପରେ ଖପା ହୋଇଯିବେ । ତାପରେ ହଜରତ୍ ଅମରୋ ବିନ୍ ଆସ୍ ର ଅ ତାଙ୍କୁ ଏ ପ୍ରସ୍ତାବ ଦେଲେ ଯେ ଏହି ଇଲାକାରୁ ଜକାତର ଯେଉଁ ମାଲ୍(ଧନ)ଆଦାୟ ହେବ ତାହା ଏହି ଇଲାକାର ଗରିବଙ୍କ ପାଇଁ ଖର୍ଚ୍ଚ କରାଯିବ । ସୁତରାଂ ସେ ଇସଲାମ୍ ଗ୍ରହଣ କରିନେଲେ । ହଜରତ୍ ଅମରୋ ର ଅ ଏଠାରେ ଦୁଇ ବର୍ଷ ରହିଲେ ଏବଂ ଲୋକମାନଙ୍କୁ ଇସଲାମ ପ୍ରତି ତବଲିଗ୍ କରିଥିଲେ । ତାଙ୍କର ଏହି ସଫଳ ତବଲିଗ୍ (ଇସଲାମର ପ୍ରଚାର କାର୍ଯ୍ୟ)ଉଦ୍ୟମ ହେତୁ ସେହି ଅଂଚଳରେ ରହୁଥିବା ଅଧିକାଂଶ ଲୋକେ ଇସଲାମ୍ ଗ୍ରହଣ କରିନେଇଥିଲେ । ଯେବେ ଆଁ ହଜରତ୍ ସ ଆ ସଙ୍କ ଦେହାନ୍ତ ହେଲା,ଆରବର ଚତୁଃପାର୍ଶ୍ୱରେ ବିଦ୍ରୋହ ବହ୍ନି ଜଳି ଉଠିଲା ଓ ସାରା ଆରବରେ ବ୍ୟାପିଗଲା । ହଜରତ୍ ଅବୁ ବକର୍ ର ଅ ହଜରତ୍ ଅମରୋ ବିନ୍ ଆସ୍ ର ଅଙ୍କୁ ଓମାନରୁ ମଦିନା ଡ଼କାଇଲେ । ଦ୍ୱିତୀୟ ପଟେ ଅଲ୍ଲାଃଙ୍କ ଦୂତ ରସୁଲୁଲ୍ଲାଃ ସ ଆ ସ ଙ୍କ ଦେହାନ୍ତ ପରେ ଲକିତ୍ ବିନ୍ ମାଲିକ୍ ଅଜଦି ସେମାନଙ୍କ ମଧ୍ୟରୁ ଉଠିଲା । ତାର ଲକବ୍(ସାଙ୍ଗିଆ)ଜୁତାଜ୍ ଥିଲା । ସେ ଜାହିଲିୟତ୍ (ଅର୍ଥାତ୍ ଆଁ ହଜରତ୍ ସ ଆ ସଙ୍କ ଆବିର୍ଭାବ ପୂର୍ବ)ଯୁଗରେ ଶାହ୍ ଓମାନ୍ ଜୁଲୁନ୍ଦିଙ୍କ ସାଥି ଭାବରେ ପରିଗଣିତ ହେଉଥିଲା । ଓମାନର ସମ୍ରାଟର ସାଙ୍ଗିଆ ଜୁଲୁନ୍ଦି ଥିଲା । ସେ ଯାହା ବି ହେଉ ସେ ନବୁୱତ୍ ର ଦାବି କରିଦେଲା ଏବଂ ଓମାନର ଜାହିଲ୍ (ଅଜ୍ଞ)ଲୋକମାନେ ତାକୁ ଅନୁସରଣ କରିବାକୁ ଲାଗିଲେ । ସେ ଓମାନ ଉପରେ କବ୍ଜା କରିନେଲା । ଜାଫର ଏବଂ ତା ଭାଇ ଅବ୍‌ବାଦକୁ ପାହାଡ଼ ଉପରେ ଶରଣ ନେବାକୁ ପଡ଼ିଲା । ଜାଫର ହଜରତ୍ ଅବୁ ବକର୍ ର ଅଙ୍କୁ ଏହି ବିଷୟରେ ସୂଚନା ଦେଇ ସାହାଯ୍ୟ ଭିକ୍ଷା କରିଥିଲେ । ହଜରତ୍ ଅବୁ ବକର୍ ର ଅ ତାଙ୍କ ନିକଟକୁ ଦୁଇଜଣ ଅମୀରଙ୍କୁ ପଠାଇଲେ । ଜଣେ ଥିଲେ ହୁଜୈଫା ବିନ୍ ମିହସନ୍ ଗଲଫାନୀ ହିମରୀ । ତାଙ୍କୁ ଓମାନ ଆଡ଼କୁ ପଠାଇଲେ ଏବଂ ଦ୍ୱିତୀୟ ଅରଫଜାଃ ବିନ୍ ହରସମାଃ ବାରକୀ ଅଜଦୀ ର ଅ ଙ୍କୁ ମହରାଃ ଆଡ଼କୁ ପଠାଇଲେ । ସେମାନଙ୍କୁ ଏ ହୁକୁମ୍ ଦେଲେ ଯେ ସେହି ଦୁଇଜଣ ଏକତ୍ର ସାଙ୍ଗ ହୋଇ ଯାତ୍ରା କରିବେ । ଯୁଦ୍ଧର ପ୍ରାରମ୍ଭ ଓମାନରୁ କରିବେ । ମହଜର୍ ଓମାନର ଗୋଟିଏ କବିଲାର ନାମ ଥିଲା । ପୁଣି ଏ ନିର୍ଦ୍ଦେଶ ଦେଇଥିଲେ ଯେ ଯେବେ ଓମାନରେ

ଯୁଦ୍ଧ ହେବ ସେତେବେଳେ ହୁଜୈଫା ର ଅ କାଏଦ୍ (ନେତା)ହେବେ । ଯେବେ ମହଜରଠାରେ ଯୁଦ୍ଧ ହେବ ସେତେବେଳେ ହୁଜୈଫା ର ଅ ସେନାଧ୍ୟକ୍ଷ ହେବେ ।

ଏହା ଥିଲା ହଜରତ୍ ହୁଜୈଫା ର ଅ ଏବଂ ହଜରତ୍ ଅରଫଜାଃ ର ଅ ଙ୍କର ପରିଚୟ । ତାରିଖେ ତିବରୀରେ ହଜରତ୍ ହୁଜୈଫା ର ଅଙ୍କ ନାମ ହୁଜୈଫା ବିନ୍ ମିହସନ୍ ଗଲଫାନୀ ଉଲ୍ଲେଖ ରହିଥିବାବେଳେ ସାହାବାମାନଙ୍କ ଜୀବନ ଚରିତମୂଳକ ପୁସ୍ତକରେ ତାଙ୍କ ନାମ ହୁଜୈଫା କଲଆନୀ ର ଅ ବର୍ଣ୍ଣିତ ଅଛି । ସେ ହଜରତ୍ ଅବୁ ବକର୍ ର ଅଙ୍କ ଦେହାନ୍ତ ପର୍ଯ୍ୟନ୍ତ ଓମାନର ୱାଲି (ରାଜ୍ୟପାଳ)ରହିଥିଲେ ।

ସାହାବାମାନଙ୍କ ଜୀବନ ଚରିତମୂଳକ ପୁସ୍ତକରେ ହଜରତ୍ ଅରଫଜାଃ ର ଅ ଙ୍କ ସମ୍ପୂର୍ଣ୍ଣ ନାମ ଅରଫଜାଃ ବିନ୍ ହୁଜୈମାଃ ଉଲ୍ଲେଖ ରହିଛି । ଅଲ୍ଲାମାଃ ଇବନେ ଅସୀରଙ୍କ ନିକଟରେ ତାଙ୍କ ବାପାଙ୍କ ନାମ ହରସମାଃ ଥିଲା । ସେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଚାଲ (କୌଶଳ) ପ୍ରୟୋଗ କରିବାରେ ପ୍ରଶିଦ୍ଧ ଥିଲେ ।

ହଜରତ୍ ଅବୁ ବକର୍ ର ଅ ଉଭୟଙ୍କୁ ସାହାଯ୍ୟ କରିବା ପାଇଁ ହଜରତ୍ ଇକରମାଃ ବିନ୍ ଅବୁ ଜହଲ୍ ଙ୍କୁ ପଠାଇଲେ । ଏହା ପୂର୍ବରୁ ୟମାମା ଯୁଦ୍ଧର ବିବରଣୀରେ ମୁସଲେମା କଜ୍ଜାବ ପ୍ରସଙ୍ଗରେ ଏହା ବର୍ଣ୍ଣନା କରାଯାଇଥିଲା ଯେ ଯେବେ ହଜରତ୍ ଅବୁ ବକର୍ ର ଅ ହଜରତ୍ ଇକରମାଃ ବିନ୍ ଅବୁ ଜହଲ୍ ଙ୍କୁ ଫିତନା (ବିଭ୍ରାଟ) ଏବଂ ବିଦ୍ରୋହକୁ ଦୂର କରିବା ପାଇଁ ଓ ଏସବୁର ମୂଳୋତ୍ପାଟନ ନିମନ୍ତେ ପଠାଇଲେ,ଏବଂ ଶୁରହବିଲ୍ ବିନ୍ ହସନାଃଙ୍କୁ ତାଙ୍କ ସାହାଯ୍ୟ ନିମନ୍ତେ ପଠାଇଲେ , ସେତେବେଳେ ହଜରତ୍ ଇକରମାଃ ବିନ୍ ଅବୁ ଜହଲ୍ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଶୁରୈହବିଲ୍ ଙ୍କ ଆସିବା ପୂର୍ବରୁ ଆକ୍ରମଣ କରିବେ ନାହିଁ । କିନ୍ତୁ ସେ ତାଙ୍କୁ ଅପେକ୍ଷା କରିବା ପରିବର୍ତେ ଆକ୍ରମଣ କରିଦେଲେ । ଯାହା ଫଳରେ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଲା । ଏଥିରେ ହଜରତ୍ ଅବୁ ବକର୍ ର ଅ ତାଙ୍କ ଉପରେ ନାରାଜ ହୋଇଗଲେ ଏବଂ ତାଙ୍କୁ ଓମାନ ଆଡ଼କୁ ଯିବା ପାଇଁ ନିର୍ଦ୍ଦେଶ ଦେଲେ । ହଜରତ୍ ଅବୁ ବକର୍ ର ଅ ଙ୍କ ନିର୍ଦ୍ଦେଶ ମୁତାବକ ଇକରମାଃ ନିଜ ସୈନ୍ୟସାମନ୍ତ ମାନଙ୍କ ସହିତ ଓମାନ ଆଡ଼କୁ ଅରଫଜାଃ ଏବଂ ହୁଜୈଫାଙ୍କ ପଛେ ପଛେ ଚଲିଲେ । ସେହି ଦୁଇଜଣଯାକ ଓମାନରେ ପହଂଚିବା ପୂର୍ବରୁ ଇକରମାଃ ଓମାନ୍ ନିକଟରେ ଥିବା ଗୋଟିଏ ସ୍ଥାନ ରଜାମ୍ ଠାରେ ସେହି ଦୁଇଜଣଙ୍କ ସହିତ ଯାଇ ମିଶିଗଲେ । ସେ ଜୈଫର୍ ଏବଂ ତା ଭାଇ ଅବ୍ବାଦ୍ ଙ୍କ ନିକଟକୁ ନିଜର ବାର୍ତା ପ୍ରେରଣ କରଦେଲେ । କେତେକ ଐତିହାସିକ ପୁସ୍ତକ ,ଉଦାହରଣ ସ୍ୱରୂପ କାମିଲ୍ ଇବନେ ଅସୀର୍ ରେ ତାଙ୍କ ନାମ ଇୟାଜ୍ ବର୍ଣ୍ଣିତ ଅଛି । ରିଜାମ୍ ହେଉଛି ଓମାନ୍ ରେ ଥିବା ଗୋଟିଏ ଲମ୍ବା ପର୍ବତଧାରା କ୍ରମର ନାମ

ସେ ଯାହା ବି ହେଉ ମୁସଲମାନ୍ ସୈନ୍ୟର ସର୍ଦ୍ଦାରମାନଙ୍କ ବାର୍ତା ମିଳିବା ପରେ ଜୈଫର୍ ଏବଂ ଅବ୍ବାଦ ନିଜ ନିଜର ବାସସ୍ଥାନରୁ ବାହାରିଲେ । ସେମାନେ ପୂର୍ବରୁ ଲୁଚି ରହିଥିଲେ । ଏହି ବିଦ୍ରୋହୀମାନେ ନବି ଘୋଷଣା ପରେ ନିଜର ସୈନ୍ୟବାହିନୀ ଗଠନ କରି ଦେଇଥିଲେ । ତାଙ୍କର ଶକ୍ତି ବୃଦ୍ଧି ହୋଇଥିଲା । ସେ ଯାହା ବି ହେଉ ସେମାନେ ନିଜ ବାସସ୍ଥାନରୁ ବାହାରିପଡ଼ିଲେ । ପୁଣି ସେ ସୁହାରଠାରେ ନିଜର ଛାଉଣି ପକାଇଲେ । ହୁଜୈଫା ର ଅ , ଅରଫଜାଃ ର ଅ ଏବଂ ଇକରମାଃ ଙ୍କୁ କହି ପଠାଇଲେ ଯେ ତୁମେମାନେ ସମସ୍ତେ ଆମ ପାଖକୁ ଆସ । ସୁହାର ମଧ୍ୟ ଓମାନ୍ ଠାରେ ଅବସ୍ଥିତ ଗୋଟିଏ ପାହାଡ଼ିଆ ସହରର ନାମ । ତା ସମ୍ବନ୍ଧରେ ଆସୁଛି ଯେ ଓମାନର ଗୋଟିଏ ମେଳା ରଜବ ମାସର ଆରମ୍ଭରେ ସେଠାରେ ପାଂଚ ରାତି ପର୍ଯ୍ୟନ୍ତ ଲାଗୁଥିଲା । ସୁତରାଂ ମୁସଲମାନ ମାନଙ୍କ ସୈନ୍ୟ ସୁହାରଠାରେ ଏକାଠି ହୋଇଗଲା ଏବଂ ଆଖପାଖରେ ଥିବା ବିଦ୍ରୋହୀମାନଙ୍କୁ ସଫାକରିଦେଲା ।

ଅପର ପକ୍ଷେ ଲକିତ୍ ବିନ୍ ମାଲିକ୍‌କୁ ଇସଲାମୀୟ ସେନାର ଆଗମନ ବିଷୟରେ ସୂଚନା ମିଳିଗଲା । ସୁତରାଂ ସେ ନିଜ ସେନାକୁ ଧରି ଯୁଦ୍ଧ କରିବା ନିମନ୍ତେ ବାହାରିଲା । ଦବା ନାମକ ସ୍ଥାନରେ ନିଜର ଛାଉଣି ଲଗାଇଲା । ସେ ମହିଳା ,ପିଲା ତଥା ଜିନିଷ ପତ୍ର ଇତ୍ୟାଦିକୁ ନିଜ ପଛରେ ଏଇଥିପାଇଁ ରଖିଥିଲା ଯେ ଏତଦ୍ୱାରା ଯୁଦ୍ଧରେ ତାକୁ ଶକ୍ତି (Back up)ମିଳିପାରିବ । ଦବା ମଧ୍ୟ ସେହି ଅଂଚଳର ଗୋଟିଏ ସହରର ନାମ ଥିଲା ଓ ତାହା ବାଣିଜ୍ୟ ବଜାର ଥିଲା । ମୁସଲମାନ୍ ଅମୀରମାନେ ଲକିତର ସାଥି ସର୍ଦ୍ଦାରମାନଙ୍କୁ ଚିଠି ଲେଖିଥିଲେ । ସେହି ଚିଠିର ଆରମ୍ଭ ସେମାନେ ବନୁ ଜୁଦୈଦ୍ କବିଲାରୁ କରିଥିଲେ । ସେହି ଚିଠିର ଉତରରେ ସେହି ସର୍ଦ୍ଦାରମାନେ ବି ମୁସଲମାନ୍ ଅମୀରମାନଙ୍କୁ ଚିଠି ଲେଖିଥିଲେ । ଏହି ଚିଠିର ଫଳାଫଳ ଏହା ବାହାରିଲା ଯେ ସେହି ସମସ୍ତ ସର୍ଦ୍ଦାରମାନେ ଲକିତଠାରୁ ଅଲଗା ହୋଇଗଲେ । **(ଉସଦୁଲ୍ ଗାବାଃ ଖ-୦୪ ପୃ-୨୧-୨୨ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୮)(ଅଲମୁଫସିଲ୍ ଫି ତାରିଖିଲ୍ ଅରବ୍ କବଲଲ୍ ଇସଲାମ୍ ଅଲଫସଲ ସାଦିସ୍ ୱଲ୍ ଅରବୁନା ଅନ୍‌ସାବୁଲ୍ କବାଇଲ୍ ଖ-୦୪ ପୃ-୩୨୯ ମକ୍ତବା ଜରିର ୨୦୦୬)(ତାରିଖ ତିବରୀ ଖ-୦୨ ପୃ-୨୯୧-୨୯୨ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)(ସୟଦନା ଅବୁ ବକର୍ ସିଦ୍ଦିକ୍ ଶଖସିୟତ୍ ଔର୍ କାରନାମେ ଅଜ୍ ସଲାବୀ ପୃ-୩୩୮ ଅଲଫୁରକାନ୍ ଷ୍ଟ୍ରିଟ୍ ଖାନ୍ ଗଢ଼)(ମୁଅଜମୁଲ୍ ବୁଲଦାନ୍ ଖ-୦୫ ପୃ-୨୭୦ , ଖ-୦୩ ପୃ-୩୧ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ)(ଫରହଙ୍ଗ୍ ସିରତ୍ ଅଜ୍ ସୟଦ୍ ଫଜଲୁର୍ ରହମାନ୍ , ପୃ-୧୭୦, ଜୱାରା ଏକାଡ଼େମୀ ପବ୍ଲିକେସନ୍ସ କରାଚି ୨୦୦୩)**

ଏବଂ ମୁସଲମାନ୍ ମାନଙ୍କ ସହିତ ସେ ଆସି ମିଶିଗଲା । ଦବା ନାମକ ସ୍ଥାନରେ ଲକିତର ସେନା ସହିତ ପୁଣି ଭିଷଣ ଯୁଦ୍ଧ ଅନୁଷ୍ଠିତ ହେଲା । ଆରମ୍ଭରେ ଲକିତର ପଲା ଭାରି ରହିଲା ଏମିତି ଲାଗୁଥିଲା ମୁସଲମାନ୍ ସେନା ପରାସ୍ତ ହୋଇଯିବେ କିନ୍ତୁ ଅଲ୍ଲାଃତାଲା ନିଜର କୃପା ଏବଂ ଦୟାଗୁଣ ଦ୍ୱାରା ଅନୁଗ୍ରହ କଲେ ଏବଂ ସେହି ସଂକଟ ସମୟରେ ସାହାଯ୍ୟ ପଠାଇଲେ । ବହରିନ୍‌ର ବିଭିନ୍ନ କବିଲା (ଜନଜାତି) ଏବଂ ବନୁ ଅବ୍ଦୁଲ୍ କୈସ୍ ତରଫରୁ ବହୁତ ସୈନ୍ୟ ସାହାଯ୍ୟ ଆସି ପହଂଚିଯାଇଥିଲା । ଏହାଦ୍ୱାରା ତାଙ୍କ ଶକ୍ତିରେ ବୃଦ୍ଧି ଘଟିଥିଲା । ତେଣୁ ସେମାନେ ଆଗକୁ ବଢ଼ି ଲକିତର ସେନା ଉପରେ ଆକ୍ରମଣ କରିଦେଲେ । ଫଳତଃ ଲକିତର ସୈନ୍ୟବାହିନୀର ପାଦ ଟଳମଳ ହୋଇଗଲା ଏବଂ ସେମାନେ ସେଠାରୁ ପଳାୟନ କଲେ । ମୁସଲମାନ୍ ମାନେ ସେମାନଙ୍କର ଅନୁଧାବନ କଲେ ,ସେମାନଙ୍କ ପଛରେ ଗୋଡ଼ାଇଲେ । ସେହି ଦଶ ହଜାର ବିଶିଷ୍ଟ ଯୋଦ୍ଧାମାନଙ୍କୁ ହତ୍ୟା କଲେ ଓ ମହିଳ ତଥା ପଲାମାନଙ୍କୁ କଏଦ କରିଲେ । ଧନ ସମ୍ପତି ଏ ବଜାର ଉପରେ କବ୍ଜା କରିନେଲେ । ସେହି ଧନସମ୍ପତିର ଖୁମୁସ୍ (ଏକ ପଂଚମାଂଶ)ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ଅରଫଜାଃ ର ଅ ଙ୍କ ହାତରେ ପଠାଇଦେଲେ । ଏହିପରି ଭାବରେ ଓମାନରେ ଫିତନା ସମାପ୍ତ ହେଲା । ମୁସଲମାନମାନଙ୍କ ଶାସନ ସ୍ଥାୟୀ ଭିତିରେ ଗଠନ ହେଲା । ଯୁଦ୍ଧ ପରେ ହୁଜୈଫା ର ଅ ଓମାନରେ ଶାନ୍ତିର ସହିତ ଅବସ୍ଥାନ କଲେ । ସେଠାକାର ପରିସ୍ଥିତିକୁ ନିୟନ୍ତ୍ରଣ କରି ଶାନ୍ତି ପ୍ରତିଷ୍ଠା ତଥା ଆଇନି ଶୃଙ୍ଖଳା କାଏମ୍ କରିବାରେ ବ୍ୟସ୍ତ ରହିଲେ । ଅରଫଜାଃ ମାଲେ ଗନିମତ୍ (ଯୁଦ୍ଧରେ ଜିଣାଯାଇଥିବା ଧନସମ୍ପଦ)କୁ ସାଥିରେ ନେଇ ମଦିନା ଚାଲିଗଲେ । ଏହା ପୂର୍ବରୁ ବର୍ଣ୍ଣନା କରାସରିଛି । ହଜରତ୍ ଇକରମାଃ ର ଅ ନିଜ ସୈନ୍ୟବାହିନୀକୁ ସାଥିରେ ଧରି ମହରାଃ ଅଂଚଳରେ ଯେଉଁ ବିଦ୍ରୋହ ଚାଲିଥିଲା ତାକୁ ଦମନ କରିବା ପାଇଁ ବାହାରି ପଡ଼ିଲେ । **(ସୟଦନା ଅବୁ ବକର୍ ସିଦ୍ଦିକ୍ ଶଖସିୟତ୍ ଔର୍ କାରନାମେ ଅଜ୍ ସଲାବୀ ପୃ-୩୩୮-୩୩୯ ଅଲଫୁରକାନ୍ ଷ୍ଟ୍ରିଟ୍ ମୁଜଫର୍‌ଗଢ଼ ପାକିସ୍ତାନ୍)(ହଜରତ୍ ଅବୁ ବକର୍ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମହୁ ଶେଖ୍ ଅହମଦ୍ ପାନିପତି ପୃ-୨୪୪-୨୪୫)**

ମୁରତଦ୍ ବିଦ୍ରୋହୀ ମାନଙ୍କ ବୁରୁଦ୍ଧରେ ହଜରତ୍ ଇକରମାଃ ର ଅ ଙ୍କ ଅଭିଯାନ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ୍ ଅବୁ ବକର୍ ର ଅ ଗୋଟିଏ ଧ୍ୱଜା (ପତାକା) ହଜରତ୍ ଇକରମାଃ ର ଅ ଙ୍କୁ ପ୍ରଦାନ କରିଥିଲେ ଏବଂ ତାଙ୍କୁ ମୁସଲେମାଃ କଜ୍ଜାବ ସହିତ ଲଢ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । **(ତାରିଖେ ତିବରୀ ଖ-୦୨ ପୃ-୨୫୭ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ)**

ହଜରତ୍ ଅବୁ ବକର୍ ର ଅ ହଜରତ୍ ଇକରମାଃ ର ଅ ଙ୍କୁ ମୁସଲେମାଃ କଜ୍ଜାବ ସହିତ ଲଢ଼ିବା ପାଇଁ ୟମାମା ଆଡ଼କୁ ପଠାଇଲେ । ତାଙ୍କ ପଛେ ପଛେ ହଜରତ୍ ଶୁରୈହବିଲ୍ ବିନ୍ ହସନାଃ ର ଅଙ୍କୁ ବି ପଠାଇଲେ । ହଜରତ୍ ଅବୁ ବକର୍ ର ଅ ଏହି ଦୁଇଜଣଙ୍କ ପାଇଁ ୟମାମା ନାମ ଧରିଥିଲେ ଏବଂ ସେ ଇକରମାଃ ର ଅ ଙ୍କୁ କହିଥିଲେ ଯେ ଯେପର୍ଯ୍ୟନ୍ତ ଶୁରୈହବିଲ୍ ନପହଂଚିଛନ୍ତ ସେପର୍ଯ୍ୟନ୍ତ ତୁମେ ଆକ୍ରମଣ କରିବ ନାହିଁ । କିନ୍ତୁ ଇକରମାଃ ର ଅ ଶୀଘ୍ର କରିଥିଲେ । ଏ ବିଷୟରେ ପୂର୍ବରୁ ଆଲୋଚନା ସରିଛି । ଇକରମାଃ ର ଅ ଶୁରୈହବିଲ୍ ର ଅଙ୍କ ଆସିବା ପୂର୍ବରୁ ଆଗକୁ ବଢ଼ି ଆକ୍ରମଣ କରିଦେଲେ । ମୁସଲେମାଃ ତାଙ୍କୁ ପଛକୁ ଠେଲି ଦେଇଥିଲା । ଅର୍ଥାତ ଇକରମାଃ ର ଅ ଙ୍କ ସୈନ୍ୟକୁ ମୁସଲେମାଃ କଜ୍ଜାବ ପ୍ରତିରେଧ କରିଥିଲା । ହଜରତ୍ ଶୁରୈହବିଲ୍ ର ଅ ଙ୍କୁ ଯେବେ ଏ ବିଷୟରେ ସୂଚନା ମିଳିଲା ,ସେ ଯେଉଁଠି ଥିଲେ ସେହିଠାରେ ହିଁ ରହିଗଲେ । ହଜରତ୍ ଅବୁ ବକର୍ ର ଅ ଶୁରୈହବିଲ୍ ର ଅଙ୍କୁ ଲେଖିଲେ ଯେ ଯେପର୍ଯ୍ୟନ୍ତ ମୋ ତରଫରୁ କୌଣସି ଦ୍ୱିତୀୟ ଆଦେଶ ନମିଳଛି ସେପର୍ଯ୍ୟନ୍ତ ତୁମେ ୟମାମା ନିକଟରେ ହିଁ ରହିଥାଅ । **(ଉଦ୍ଧୃତ ତାରିଖୁଲ୍ ତିବରୀ , ଖ-୦୨, ପୃ-୨୯୧ ,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ହଜରତ୍ ଅବୁ ବକର୍ ର ଅ ହଜରତ୍ ଇକରମାଃ ର ଅ ଙ୍କୁ ଚିଠି ଲେଖିଲେ ଯେ ମୁଁ ଏବେ ତୁମର ମୁହଁ ଚାହିଁବି ନାହିଁ । ପୂର୍ବରୁ ଏ ବିଷୟରେ ଚର୍ଚ୍ଚା ସରିଛି, ଏବଂ ତୁମର କୌଣସି କଥା ଶୁଣିବି ନାହିଁ କିନ୍ତୁ ମୁଁ ଦେଖିବି ଯେ ତୁମେ ଯଦି କିଛି ଉଲ୍ଲେଖନୀୟ କାମ କରିବ ତାହେଲେ ମୁଁ ତୁମର କଥା ଶୁଣିବି ଓ ତୁମର ମୁହଁ ଚାହିଁବି । ଯଦି କିଛି ଅସାଧାରଣ କାମ କରି ଦେଖାଇବ ତାହେଲେ ଠିକ ଅଛି , ମୋ ପାଖକୁ ଆସିବ । ପୁଣି ହଜରତ୍ ଅବୁ ବକର୍ ର ଅ କହିଲେ ଯେ ତୁମେ ଓମାନ ଚାଲିଯାଅ ସେଠାରେ ଓମାନବାସୀଙ୍କ ସହିତ ଲଢ଼ ଏବଂ ହୁଜୈଫା ଏବଂ ଅରଫଜାଃ ର ଅ ଙ୍କୁ ସାହାଯ୍ୟ କର ।

ଓମାନ ବିଷୟରେ କୁହା ସରିଛି ଯେ ତାହା ପାରସ୍ୟ ଖଲିଜ୍ (ଉପସାଗର)ର ଅଂଶ ଥିଲା । ସେଥିରେ ସେତେବେଳେ ଅଜିକାଲିର ଆରବ ଏମିରେଟ୍ସର ପୂର୍ବାଂଚଳ ଅନ୍ତର୍ଭୁକ୍ତ ଥିଲା । ସେଠାରେ ବୁତ୍‌ପରସ୍ତ (ପିତୁଳାପୂଜକ)କବିଲା ଅଜଦ୍ ଏବଂ ଅନ୍ୟାନ୍ୟ କବିଲାମାନ (ଜନଜାତି)ବସବାସ କରୁଥିଲେ । ସେମାନେ ସମସ୍ତେ ମଜୁସୀ ଧର୍ମର ଅନୁଯାୟୀ ଥିଲେ । ମସ୍କଟ୍, ସୁହାର ଏବଂ ଦବା ଏହି ଇଲାକାର ଉପକୂଳବର୍ତୀ ସହର ଥିଲେ । ସେ ଏହା ମଧ୍ୟ ଆଦେଶ ଦେଲେ ଯେ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଅଶ୍ୱାରୋହୀମାନଙ୍କର ସର୍ଦ୍ଦାର ହେବେ । କିନ୍ତୁ ଯେପର୍ଯ୍ୟନ୍ତ ତୁମେମାନେ ହୁଜୈଫାଙ୍କ ତତ୍ତ୍ୱାବଧାନରେ ଥିବା ଇଲାକାରେ ରହିବ ସେପର୍ଯ୍ୟନ୍ତ ସେ ତୁମମାନଙ୍କର ଅମୀର ରହିବେ ,ଯେବେ ତୁମେମାନେ ସେଠାରେ କାମସାରିଦେବ, ପୁଣି ସେଠାରୁ ମହର୍ ଚାଲିଯିବ । ପୁଣି ସେଠାରୁ ୟମନ୍ ଚାଲିଯିବ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଏପରିକି ୟମନ୍ ଓ ହଜରେ ମୌତ୍ କାର୍ଯ୍ୟରେ ମୁହାଜିର୍ ବିନ୍ ଅବୁ ଉମୈୟାଃଙ୍କ ସହିତ ରହିବ । ଓମାନ ଏବଂ ୟମନ୍ ମଧ୍ୟରେ ଯେଉଁ ଲୋକମାନେ ବିଦ୍ରୋହ କରିଛନ୍ତି ,ସେମାନଙ୍କୁ ଦମନ କରିବ । ମତେ ତୁମେମାନେ ଯୁଦ୍ଧରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ ସୂଚନା ଦେଉଥିବ ।**(ତାରିଖେ ତିବରୀ ଖ-୦୨ ପୃ-୨୯୧ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨) (ଅଟଲସ୍ ସିରତ୍ ନବୱି ସ ଆ ସ ପୃ-୬୮ ମକତବାଃ ଦାରୁଲ୍ ସଲାମ୍ ଅରରିଆଜ୍ ୧୪୨୪ ହିଜ୍ରୀ)**

ହଜରତ୍ ଅବୁ ବକର୍ ର ଅ ଆଦେଶ ଦେଲେ । ଇକରମାଃଙ୍କ ଅଭିଯାନ ଆରମ୍ଭ ହେବା ପୂର୍ବରୁ ହଜରତ୍ ଅବୁ ବକର୍ ର ଅଙ୍କ ମାର୍ଗଦର୍ଶନ ମୁତାବକ ହୁଜୈଫା ବିନ୍ ମିହସିନ୍ ଗଲଫାନୀ ର ଅ ଓମାନର ବିଦ୍ରୋହୀମନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଏବଂ ହଜରତ୍ ଅରଫଜାଃ ବାରକୀ ର ଅଙ୍କୁ ମହରାଃ ର ବିଦ୍ରୋହୀମନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଯାତ୍ରା କରିସାରିଥିଲେ । ହଜରତ୍ ଅବୁ ବକର୍ ର ଅଙ୍କ ଆଦେଶ ମୁତାବକ ଇକରମାଃ ନିଜ ସୈନ୍ୟସାମନ୍ତଙ୍କ ସହିତ ଅରଫଜାଃ ଏବଂ ହୁଜୈଫାଃଙ୍କ ପଛେ ପଛେ ବାହାରିଲେ । ଉଭୟ ଓମାନରେ ପହଂଚିବା ପୂର୍ବରୁ ଇକରମାଃ ସେମାନଙ୍କ ସହିତ ଯାଇ ମିଶିଗଲେ । ଏହା ପୂର୍ବରୁ ହଜରତ୍ ଅବୁ ବକର୍ ର ଅ ଉଭୟଙ୍କୁ ଏ ତାଗିଦ୍ ନିର୍ଦ୍ଦେଶ ଦେଇଥିଲେ ଯେ ଓମାନରୁ କାମ ଶେଷ କରିବା ପରେ ସେମାନେ ଇକରମାଃଙ୍କ ରାୟ/ମତ କୁ ଅନୁସରଣ କରିବେ । ଯଦି ଇଚ୍ଛା କରିବେ ସେ ସେମାନଙ୍କୁ ନିଜ ସାଥିରେ ନେଇପାରନ୍ତି କିମ୍ବା ଓମାନରେ ରହିବାକୁ ନିର୍ଦ୍ଦେଶ ଦେଇପାରନ୍ତି । ସେ ଯାହ ବି ହେଉ ଯେମିତିକି ପୂର୍ବରୁ ଏହା ବର୍ଣ୍ଣନା ସରିଛି ଯେ ଯେବେ ଏହି ତିନିଜଣଯାକ ଓମାନର ଅମୀରଙ୍କ ନିକଟସ୍ଥ ଗୋଟିଏ ସ୍ଥାନ ରିଜାମରେ ସାକ୍ଷାତ କଲେ ସେତେବେଳେ ସେମାନେ ସେମାନଙ୍କ ଦୂତଙ୍କୁ ଜୈଫର୍ ଏବଂ ଅବ୍ବାଦ ନିକଟକୁ ପଠାଇଲେ । ଅପର ପକ୍ଷେ ଯେବେ ଲକିତକୁ ସେମାନଙ୍କ ସୈନ୍ୟ ଆସିବାର ସୂଚନା ମିଳିଲା , ସେ ନିଜ ସମ୍ପ୍ରଦାୟ/ଗୋଷ୍ଠୀର ଲୋକମାନଙ୍କୁ ଏକାଠି କରିଲା ଏବଂ ଦବା ନାମକ ସ୍ଥାନରେ ଆସି ଛାଉଣି ପକାଇଲା । ଜୈଫର୍ ଏବଂ ଅବବାଦ୍ ମଧ୍ୟ ସେମାନଙ୍କ ବାସସ୍ଥାନରୁ ବାହାରି ଆସିଲେ । ସେମାନେ ସୁହାର ଠାରେ ଆସି ଛାଉଣି ଲଗାଇଲେ । ହୁଜୈଫାଃ,ଅରଫଜାଃ ଏବଂ ଇକରମାଃଙ୍କ ନିକଟକୁ କହିପଠାଇଲା ଯେ ତୁମେମାନେ ସମସ୍ତେ ଆମ ପାଖକୁ ଆସ । ସୁତରାଂ ଯେମିତି କି ଏହା ବର୍ଣ୍ଣନା ହୋଇସାରିଛି ଯେ ସେମାନେ ସମସ୍ତେ ସେହି ଦୁଇ ଜଣଙ୍କ ନିକଟକୁ ସୁହାର ଠାରେ ଏକାଠି ହେଲେ ଏବଂ ସେମାନେ ଆଖପାଖର ସମସ୍ତ ଇଲାକାକୁ ବିଦ୍ରୋହୀମାନଙ୍କ ଠାରୁ ମୁକ୍ତ କରିଦେଲେ । ଏପରିକି ଆଖପାଖରେ ଥିବା ସମସ୍ତ ଲୋକମାନଙ୍କ ସହିତ ସୁଲାହ୍ (ଶାନ୍ତି ଚୁକ୍ତି) ହୋଇଗଲା । ପୁଣି ସେହି ଅମୀରମାନେ ଲକିତର ସାଥି ସର୍ଦ୍ଦାରମାନଙ୍କ ନିକଟକୁ ଚିଠି ଲେଖିଥିଲେ । ସେମାନେ ଏହା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ .....*

## ଓଡ଼ିଆ ବଦର ସଂଖ୍ୟା ୩୩-୩୬ ପୃ-୦୯ରେ ପ୍ରକାଶିତ ଖୁତବା ଜୁମା ୨୭ମଇ୨୦୨୨ର ଅବଶିଷ୍ଟାଂଶ........

ଏବେ ଦେଖନ୍ତୁ ମୋ ଅସ୍ତିତ୍ୱର କିଛି ବି କମାଲ୍ ନାହିଁ । ବରଂ ଅଲ୍ଲାଃତାଲା ଖିଲାଫତ୍ ଜରିଆରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ମିଶନର ପ୍ରତିଶୃତିକୁ ପୂରଣ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲେ,ଏହା ହେଉଛି ତାହାଙ୍କ କୃପାର ପରିପ୍ରକାଶ ।

ଗିନିବସାଓ ଦେଶର ମୁବଲ୍ଲିଗ୍ ଇନଚାର୍ଜ ସାହେବ୍ କୁହନ୍ତି ଯେ ଗୋଟିଏ ଗ୍ରାମରେ ସେ ତବଲିଗ୍ କଲେ । ଅଧିକାଂଶ ଲୋକେ ଅହେମଦୀୟତ୍ ଗ୍ରହଣ କରିନେଲେ । କେବଳ ଚାରୋଟି ପରିବାରର ଲୋକେ ଅହେମଦୀୟତ୍ ଗ୍ରହଣ କରିବାକୁ ମନା କରିଦେଲେ । ଯେବେ ଆମ ଟିମ୍ ସେଠାରେ ଏମ୍ ଟି ଏ ଇନ୍ଷ୍ଟଲ୍ କରିବାକୁ ଗଲେ, ମୁଅଲ୍ଲିମ୍ ସାହେବ୍ ସେହି ସବୁ ପରିବାରର ସମସ୍ତ ଲୋକମାନଙ୍କୁ ମଧ୍ୟ ମସଜିଦକୁ ଆସିବା ପାଇଁ ନିମନ୍ତ୍ରଣ କଲେ । ପୁଣି କହିଲେ ଯେ ଆମର ଗୋଟିଏ ମୁସଲିମ୍ ଚ୍ୟାନେଲ୍ ଅଛି ତାକୁ ଦେଖନ୍ତୁ । ସେଠାରେ ଆପଣ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କର ଏବଂ ଯୁଗ ଖଲିଫାଙ୍କର ଫୋଟୋ ବି ଦେଖିନେବେ । ସେ କୁହନ୍ତି ଯେବେ ସେଠାରେ ଏମ୍ ଟି ଏ ଇନ୍ଷ୍ଟଲ୍ କରିବା ସମ୍ପୂର୍ଣ୍ଣ ହୋଇଗଲା, ନମାଜ ପାଠ କରିବା ପରେ ଯେବେ ପୁନର୍ବାର ଟି ଭି ଅନ୍ କରାଗଲା , ସେତେବେଳେ ବି ମୋ ଖୁତବା ଏମ୍ ଟି ଏ ରେ ଚାଲୁଥିଲା । ସେଠାରେ ଥିବା ଅଣ ଅହେମଦୀମାନେ ମୋ ଖୁତବାକୁ ମନଦେଇ ଶୁଣିଲେ । ମତେ ଦେଖୁଥାନ୍ତି । ଯେହେତୁ ତାହା ଇଂଗ୍ରାଜି ଭାଷାରେ ଆସୁଥିଲା , ମୁଅଲ୍ଲିମ୍ ସାହେବ୍ କହିଲେ ମୁଁ ଆପଣମାନଙ୍କ ପାଇଁ ଏହାକୁ ଅନୁବାଦ କରିଦେଉଛି । ସେ କୁହନ୍ତି ଯେ ମତେ କିଛି ବୁଝପଡୁନଥିଲା । କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହିପାରେ ଯେ ଏହି ଲୋକଜଣକ ଯାହା ବି କହୁଛନ୍ତି , ସେ ମିଛ କହି ପାରିବେ ନାହିଁ । ଯଦି ଇଏ ଜମାଅତ୍ ଅହେମଦୀୟାର ଖଲିଫା , ତାହେଲେ ଏହି ଜମାଅତ୍ କେବେ ବି ମିଛୁଆ ହୋଇ ନପାରେ । ସେମାନେ ସେହି କ୍ଷଣି ସେଠାରେ ଅହେମଦିୟତ୍ ଗ୍ରହଣ କରିବାକୁ ଏଲାନ (ଘୋଷଣା)କରିଦେଲେ ।

ମାଲି ଦେଶରୁ ସେଠିକାର ମୁଅଲ୍ଲିମ୍ ସାହେବ୍ ଲେଖିଛନ୍ତି ଯେ ଜଣେ ଲୋକ ଆମ ମିଶନକୁ ଆସି ବତାଇଲେ ଯେ ମୁଁ ନିୟମିତ ଆପଣଙ୍କ ରେଡ଼ିଓ ପ୍ରୋଗ୍ରାମ୍ ଶୁଣୁଛି । ତେଣୁ ମୁଁ ବୟତ କରିବାକୁ ଚାହୁଁଛି । ସେ ସେଠାରେ ବୟତ ଫର୍ମ ପୂରଣ କଲେ । ଯେହେତୁ ସେ ପଢ଼ାଲେଖା ବ୍ୟକ୍ତି ଥିଲେ ତେଣୁ ସେ କହିଲେ ଯେ ଯଦି ଫ୍ରେଂଚ ଭାଷାରେ କିଛି ଲିଟରେଚର୍ ଅଛି ତାହେଲେ ମତେ ଦିଅନ୍ତୁ । ମୁଁ ସେଥିରୁ ବି ଲାଭ ଉଠାଇବି ଓ ନିଜ ସାଥିମାନଙ୍କୁ ବି ଦେବି । ମୁଅଲ୍ଲିମ୍ ସାହେବ୍ ତାଙ୍କୁ ଏପରି ପୁସ୍ତକ ଦେଲେ ଯାହା ବିଭିନ୍ନ ଲିଟରେଚର୍ ଉପରେ ପରିବେଷ୍ଟିତ ଥିଲା । ଶାନ୍ତି ଉପରେ ଆଧାରିତ ଏହା ମୋର (ଅର୍ଥାତ୍ ହଜୁର୍ ଅନ୍ୱର୍ଙ୍କର)ଗୋଟିଏ ଭାଷଣ ଥିଲା । (World Crisis and Pathway to Peace) । ସେହି ପୁସ୍ତକର ଫ୍ରେଂଚ ଅନୁବାଦ ତାଙ୍କୁ ଦେଲେ । ସେ ସେହିଠାରେ ହିଁ ପୁସ୍ତକଟିକୁ ଖୋଲିଲେ । ଯେବେ ସେ ଫୋଟୋ ଦେଖିଲେ, କାନ୍ଦିବାକୁ ଲାଗିଲେ । ତାପରେ ସେ ବତାଇଲେ ଯେ ପ୍ରଥମେ ମୁଁ ଗାବୁନ୍ରେ ଥିଲି । ଅଲ୍ଲାଃତାଲାଙ୍କ ନିକଟରୁ ସର୍ବଦା ସତପଥର ସିଧା ରାସ୍ତା ମାଗୁଥିଲି । ସେତେବେଳେ ମୁଁ ଅନେକ ଥର ଖଲିଫତୁଲ୍ ମସିହ୍ ଙ୍କୁ ସ୍ୱପ୍ନରେ ଦେଖିଛି । ମୁଁ ଜାଣିପାରୁ ନଥିଲି ଯେ ଇଏ କିଏ ? ଆଜି ମୁଁ ଜାଣିପାରୁଛି ଯେ ମୋ ଦୁଆ ଗ୍ରହଣ ହୋଇଯାଇଛି ଓ ଅଲ୍ଲାଃତାଲା ମୋର ମାର୍ଗଦର୍ଶନ କରିଛନ୍ତି ।

ଜଣେ ଆରବୀୟ ମହିଳା ହେଉଛନ୍ତି ନସିମା ସାହିବା । ସେ କୁହନ୍ତି ଯେ ମୁଁ ବୟତ କରିବାର ଦୁଇବର୍ଷ ପୂର୍ବରୁ ଯେବେ ପ୍ରଥମ ଥର ପାଇଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଫଟ ଦେଖିଲି , ସମ୍ବୋଧନ କରି କହିଲି । ସେ ହେଉଛନ୍ତି ଆରବୀୟ ମହିଳା ତେଣୁ ସେ ଏପରି ଫଟକୁ ସମ୍ବୋଧନ କରି କହିଲେ । ତା ପୂର୍ବରୁ ସେ କହୁଥିଲେ ଯେ ଆପଣ ପିଲାର ଚର୍ଚ୍ଚା କରିଥିଲେ ଯିଏ ତେଢ଼ା ମେଢ଼ା ଗାର ଟାଣି ଥିଲା ଓ ଏକଥା ଲେଖିଥିଲା ଯେ ହଜୁର୍ ମୋତେ ଆପଣଙ୍କୁ ଭଲ ପାଏ । ସେ ଯାହ ବି ହେଉ ସେ କୁହନ୍ତି ପିଲାମାନେ ମିଛ କୁହନ୍ତି ନାହିଁ । ମୋ ହୃଦୟରେ ଏହାର ଗଭୀର ପ୍ରଭାବ ପଡ଼ିଲା । ସେ ବି ବୟତ କରିନେଲେ । ସେ କୁହନ୍ତି ଯେ ମୁଁ ପୁଣି କିଛି ଦିନ ଅନ୍ତେ ଫଟ ଦେଖିଲି ତ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ କହିଲି ଯେ ଆପଣଙ୍କ ଚେହେରା ଏହା ବତାଉଛି ଯେ ଆପଣ ପୂଣ୍ୟବାନ୍ ବ୍ୟକ୍ତି ଓ ମିଛ କହୁନାହାନ୍ତି । କିନ୍ତୁ ଏହା ସତ୍ୱେ ବି ମୁଁ ଆପଣଙ୍କ କଥାକୁ ସମର୍ଥନ କରିପାରିବି ନାହିଁ ଯେ ଆପଣ ସ୍ୱର୍ଗୀୟ ଦୂତ । ପୁଣି ସେ କୁହନ୍ତି ଯେ ମୁଁ ଅଧ୍ୟୟନ କଲି ଏବଂ ଦୁଇବର୍ଷ ପରେ ୨୦୧୬ ମସିହାର ପ୍ରାରମ୍ଭରେ ବୟତ କରିନେଲି । ଏହା ସତ୍ୱେ ବି ଖିଲାଫତ୍ ବାବତରେ ମୋ ମନରେ ସନ୍ଦେହ ଥିଲା । ମୋ ମନର ଶଇତାନ୍ କହୁଥିଲା ଯେ ଜଣେ ଖିଲାଫତର ଦାବିଦାରକୁ ମୁଁ ମୋ ଜୀବନର ସବୁ କଂଟ୍ରୋଲ୍ କିପରି ଦେଇଦେବି । କାହିଁକି ମୁଁ ଏପରି ଜଣକ ନିକଟକୁ ଚିଠି ଲେଖିବି ଓ ମୋ ବିଷୟରେ ଜଣାଇବି । ଖିଲାଫତର କ'ଣ ଲାଭ ? ସେ କୁହନ୍ତି ଯେ କିନ୍ତୁ ମୋର ଏହି ସନ୍ଦେହ ହଜରତ୍ ମୁସଲେହ୍ ମଉଦ୍ଙ୍କ ପୁସ୍ତକ "ଖିଲାଫତେ ରାଶିଦାଃ"ଏବଂ ତାଙ୍କର ଆଉ ଏକ ପୁସ୍ତକ "ନିଜାମେ ଖିଲାଫତ୍ ଔର୍ ଇତାଅତ୍" ପଢ଼ି ସବି ସନ୍ଦେହ ଦୂର ହୋଇଗଲା । ସବୁକଥଅ ସ୍ପଷ୍ଟ ହୋଇଗଲା । ପୁଣି ମୁଁ ଚିଠି ଲେଖିଲି ଏବଂ ଆପଣଙ୍କର ଉତର ଆସିଲା । ତାହା ଦ୍ୱାରା ସେହି ସନ୍ଦେହ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଗଲା ଓ ମତେ ବିଶ୍ୱାସ ହୋଇଗଲା ଯେ ଖିଲାଫତ୍ ବି ହଜରତ୍ ମସିହ୍ ମଉଦ୍ ଆ ସଙ୍କ ପଦଙ୍କ ଅନୁସରଣରେ ଚାଲିବ । ପୁଣି ସେ ଲେଖିଛନ୍ତି ଯେ ଯେଉଁ ପ୍ରେମଭାବକୁ ଅଲ୍ଲାଃତାଲା ସ୍ୱୟଂ ମନରେ ସୃଷ୍ଟି କରିଥାନ୍ତି , ସେ ଖୁବ ମଜଭୁତ୍ କରି ସୃଷ୍ଟି କରିଥାନ୍ତି । କିନ୍ତୁ ଆମକୁ ଏହାର କାରଣ ଜଣା ପଡ଼େ ନାହିଁ । ପୁଣି ସେ କୁହନ୍ତି ସେଇଥିପାଇଁ ଅଧିକାଂଶ ଅହେମଦୀଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ସହିତ ପ୍ରେମ ଏବଂ ଆପଣ ଆ ସଙ୍କ ଖଲିଫାଙ୍କ ସହିତ ପ୍ରେମ ଏବଂ ଆପଣଙ୍କ ସହିତ ବିଶେଷ ଭାବରେ ପିଲାମାନଙ୍କ ସଦୃଶ ପ୍ରେମ ରହିଛି । ବୟତ କରିବା ପୂର୍ବରୁ ଆମକୁ ଏହି ପ୍ରକାରର ଭଲପାଇବା ବିଷୟରେ କିଛି ଅନୁମାନ ନଥିଲା

ନାଇଜେରିଆରୁ ସରକିଟ୍ ମିଶିନାରୀ କୁହନ୍ତି ଯେ ଗୋଟିଏ ପ୍ରଶ୍ନ ଉତର ପ୍ରୋଗ୍ରାମରେ ଲୋକମାନଙ୍କ ମଧ୍ୟରେ ଏବିଷୟରେ ତର୍କବିତର୍କ ଚାଲିଲା ଯେ ପିଲାମାନଙ୍କୁ ବାପାଙ୍କ ନାମ ଅନୁସାରେ ଡ଼କାଯିବା ପରିବର୍ତେ ସେମାନଙ୍କ ପରିବାରର ନାମ ଅନୁସାରେ ଯାହା ସେମାନଙ୍କ ପୂର୍ବ ପୁରୁଷରୁ ଚାଲିଆସୁଅଛି, ଡ଼କା ଯିବା ଉଚିତ । ତାପରେ ତାଙ୍କୁ ଏକଥା ବତାଇଦିଆଗଲା ଯେ ପବିତ୍ର କୁରଆନର ଏ ଶିକ୍ଷା ରହିଛି ଯେ ପିଲାମାନଙ୍କୁ ସେମାନଙ୍କ ନିଜ ପିତୃପୁରୁଷମାନଙ୍କ ନାମ ସହିତ ଯୋଡ଼ି ଡ଼ାକ । ଏହି କଥାରେ କେତେକ ଅଣ ଅହେମଦୀ ତଥା ଆଉ କିଛି ନୂଆ ଅହେମଦୀ ଏବେ ଯାଏଁ ସନ୍ତୁଷ୍ଟ ନଥିଲେ । କିନ୍ତୁ ସେ କୁହନ୍ତି ଯେ ଦୁଇଦିନ ପରେ ଯେବେ ଆପଣ ସାହାବାଙ୍କ ଉପରେ ପର୍ଯ୍ୟବେଶିତ ଖୁତବା ପ୍ରଦାନ କରୁଥିଲେ , ସେତେବେଳେ ହଜରତ୍ ଜୈଦ୍ ବିନ୍ ସାବିତ୍ ର ଅ ଙ୍କ ଘଟଣାବଳୀ ବର୍ଣ୍ଣନା କରୁଥିଲେ । ସେଥିରେ ଏହା ବତାଇଲେ ଯେ ଆରବୀୟମାନେ ଜୈଦ୍ଙ୍କୁ ଜୈଦ୍ ବିନ୍ ମୁହମ୍ମଦ୍ କହୁଥିଲେ । ଅଲ୍ଲାଃତାଲାଙ୍କ ଆଦେଶ ଆସିଲା ଯେ ତାଙ୍କୁ ତାଙ୍କ ବାପାଙ୍କ ନାମରେ ଡ଼କାଯାଉ । ଏହି ଖୁତବା ଶୁଣି ସମଗ୍ର ଜମାତ ତଥା ସେହି ସମସ୍ତ ଲୋକମାନେ ବି ଖୁସି ହୋଇଗଲେ ଯେଉଁମାନେ ଦୁଇଦିନ ପୂର୍ବରୁ ଏ ବିଷୟରେ ତର୍କ କରୁଥିଲେ । ସେମାନେ କହିଲେ ଯେ ଯୁଗ ଖଲିଫା ଆମର ମାର୍ଗଦର୍ଶନ କରିଛନ୍ତି । କିଛି ଲୋକଙ୍କ ମନରେ ଏ ଭାବନା ଆସିଲା ଯେ କାଳେ ଏହି ଦୁଇ ଦିନ ମଧ୍ୟରେ ମୁବଲ୍ଲିଗ୍ ସାହେବ୍ ଖଲିଫାଙ୍କୁ ଖବର ପହଂଚାଇଥିବେ । ତେଣୁ ସେ ଏ ବିଷୟରେ ଚର୍ଚ୍ଚା କରିଦେଲେ । କିନ୍ତୁ ସେ କହିଲେ ମୁଁ ତ କିଛି ବତାଇ ନାହିଁ । ସେ କୁହନ୍ତି ଯେ ଆମକୁ ବହୁତ ଖୁସି ଲାଗିଲା ଯେ ଅଲ୍ଲାଃତାଲା ସ୍ୱୟଂ ଆମ ପ୍ରଶ୍ନର ଉତର ଦେଇଦେଲେ । ଏହି ଖୁସିରେ ଜମାଅତର ଜଣେ ବ୍ୟକ୍ତି , ଜଣେ ଧନୀ ଲୋକ ଆଉ ଏକ ବଡ଼ ଟି ଭି ଏମ୍ ଟି ଏ ଦେଖିବା ନିମନ୍ତେ କିଣିଲେ ଯେ ମସଜିଦର ସେହି ଭାଗରେ ତାହାକୁ ଲଗାଯାଉ ଯେଉଁଠି ଲଜନା ବସିଛନ୍ତି । ମହିଳାମାନେ ବସିଛନ୍ତି । ଯଦ୍ୱାରା ସେମାନେ ବି ଖିଲାଫତର ବରକାତ୍ (ଆଶୀର୍ବାଦ)ରୁ ବଂଚିତ ନରହନ୍ତୁ । ପୁଣି ସେ କହିଲେ ଯେ ଖିଲାଫତ୍ ତ ହୃଦୟରେ କହିଥାଏ ।

ଏବେ ଦେଖନ୍ତୁ ସେହି ଦୂର ଦୂରାନ୍ତ ଇଲାକାରେ ବିଭିନ୍ନ ଦେଶରେ ରହୁଥିବା ଅହେମଦୀମାନେ, ବିଭିନ୍ନ ଜାତିର , ଗୋତ୍ରର । ସେମାନଙ୍କ ମନରେ ଖିଲାଫତ ସହିତ ଏପରି ସମ୍ପର୍କ କିଏ ସୃଷ୍ଟି କରୁଛି ! ନିଶ୍ଚିତ ରୂପେ ଏହା ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ଅଟେ । ଅନ୍ୟଥା ମଣିଷର ଚିନ୍ତାଧାରା ଏହାକୁ ଆଚ୍ଛାଦନ କରିପାରିବ ନାହିଁ ।

ପୁଣି ନରୱେ ଦେଶରୁ ଜଣେ ମହିଳା ବ୍ରିଫାନ୍ ସାହିବା କୁହନ୍ତି ଯେ ପ୍ରତ୍ୟେକ ସଚ୍ଚା ଅହେମଦୀ କହିଥାଏ ଯେ ଆମ ପ୍ରିୟ ହଜୁର୍ ଆମ ମନରେ ଓ ଆମ ଆଖିରେ ରହିଥାନ୍ତି ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.7 Thursday 15 Sep 2022 Issue No. 37**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.12/-) (**WEIGHT** - 20-50gms/issue)

ଆମେ ତାଙ୍କ ନିମନ୍ତେ ଦୁଆ କରିଥାଉଁ । ଏ ଦୁନିଆରେ ତାଙ୍କ ବ୍ୟତୀତ ଆମର ଦୁଃଖ ବାଂଟିବାକୁ ଆଉ କେହି ନାହାଁନ୍ତି । ତେଣୁ ଆମେ ତାଙ୍କର ବୋଝକୁ ବାଂଟିବାର ଉପାୟ ବିଷୟରେ ଚିନ୍ତା କରିବା ଉଚିତ ।

ଆପଣ ନିଜ ଖୁତବାଗୁଡ଼ିକରେ ଏହା ବର୍ଣ୍ଣନା କରିଛନ୍ତି ଯେ କିପରି ସାହାବାମାନେ ନିଜ ଶରୀରରେ ତୀର ବହନ କରି ରସୁଲୁଲ୍ଲାଃ ସ ଆ ସ ଙ୍କୁ ସୁରକ୍ଷା ଦେଇଥିଲେ ଓ ଶତ୍ରୁମାନଙ୍କ ଆକ୍ରମଣ ସମ୍ମୁଖରେ ଛାତି ଦେଖାଇ ଛିଡ଼ା ରହିଥିଲେ । ଏହି ଦୃଶ୍ୟକୁ ଚିନ୍ତାକରି ମୋ ଆଖିରୁ ଅଶ୍ରୁ ଝରିପଡୁଛି । ମୁଁ ଭାବୁଛି ଯେ ଯଦି ମୁଁ ଏପରି ପରିସ୍ଥିତିରେ ସେହି ସ୍ଥାନରେ ଥାଆନ୍ତି ତାହେଲେ ମୁଁ କ'ଣ କରିଥାନ୍ତି ? ଇଏ ହେଉଛନ୍ତି ଆରବର ମହିଳା । କ'ଣ ସେ ସେଠାରେ ସାହାସ ଦେଖାଇ ଛିଡ଼ା ହୋଇଥାନ୍ତେ ? ପୁଣି ମୁଁ ଦୁଆ କରୁଛି ଯେ ଅଲ୍ଲାଃତାଲା ଆମକୁ ଶକ୍ତି ଦିଅନ୍ତୁ ଯେ ଆମେ ସେହି ସାହାବାମାନଙ୍କ ସଦୃଶ ଖଲିଫା ତଥା ଖିଲାଫତ୍ ପାଇଁ ନିଜର ଜୀବନ , ଧନ , ମନ ପ୍ରାଣ ତଥା ନିଜ ସନ୍ତାନମାନଙ୍କୁ ବଳିଦାନ କରି ତାହାଙ୍କର ସୁରକ୍ଷା କରିପାରିବା । ଅନେକ ବର୍ଷ ହେବ ମୁଁ ନମାଜରେ ଏ ପ୍ରାର୍ଥନା କରି ଆସୁଅଛି ଯେ ଖଲିଫାଙ୍କର ଯେତେ ସବୁ ଦୁଃଖ ରହିଛି ଏବଂ ଯାହା ସବୁ ଦାୟିତ୍ୱ ରହିଛି , ଅଲ୍ଲାଃତାଲା ତାଙ୍କର ସେହି ସମସ୍ତ ସମାନ ଫରିସ୍ତା(ଦୂତ)ମାନଙ୍କୁ ଏହି କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ପ୍ରେରଣ କରନ୍ତୁ । ସେମାନେ ଆପଣଙ୍କୁ ଘେରି ରହନ୍ତୁ ।

ଅତଃ ଏହା ହେଉଛି ସେହି ନିଷ୍ଠା ଓ ଭକ୍ତିର ସମ୍ପର୍କ ଯାହା ଅଲ୍ଲାଃତାଲା ଲୋକମାନଙ୍କ ହୃଦୟରେ ସୃଷ୍ଟି କରିଅଛି ଏବଂ ଇନଶାଅଲ୍ଲାଃ କୟାମତ୍ ପର୍ଯ୍ୟନ୍ତ ଅଲ୍ଲାଃତାଲା ଏହି ନିଷ୍ଠା ଓ ଭକ୍ତିରେ ବଢ଼ିଚାଲିଥିବା ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଜମାଅତକୁ ଏହିପରି ପ୍ରଦାନ କରିଚାଲିଥିବେ । ଖିଲାଫତ୍ ଅହେମଦୀୟାକୁ ପ୍ରଦାନ କରିଚାଲିଥିବେ । ସାଂସାରିକମାନେ ଏହାକୁ ବୁଝିପାରିବେ ନାହିଁ ।

ଜର୍ମାନୀରେ ଜଣେ ଆରବୀୟ ବୟତ କଲେ । ତାଙ୍କୁ ଜାଣିଥିବା ଲୋକମାନେ ତାଙ୍କୁ କହିଲେ ଯେ କ'ଣ ତମେ କାଦିଆନୀ ହୋଇଗଲ ? ସେହି ନୂଆ ଆରବୀୟ ଅହେମଦୀ ଜଣକ ଉତର ଦେଲେ ଯେ ତୁମେ ଏଠାରେ ଶହେ ଆରବୀୟ ରହୁଛ କିନ୍ତୁ ତୁମେମାନେ କୌଣସି ଗୋଟିଏ କଥାରେ ଏକାଠି ହୋଇପାରୁନାହିଁ । ଜମାଅତ ଅହେମଦୀୟା ରେ ଜଣେ ଇମାମ ଅଛନ୍ତି କିନ୍ତୁ ତାଙ୍କ ଆଦେଶରେ ଜମାଅତ୍ ଉଠୁଛି ଓ ବସୁଛି । ତେଣୁ ସେଇଥି ପାଇଁ ତାଙ୍କ କାମରେ ବରକତ୍ ରହିଛି । ଏବେ ମତେ ତୁମେ ବତାଇଦିଅ ଯେ ତୁମମାନଙ୍କଠାରେ କ'ଣ ଭଲ ଗୁଣ ରହିଛି ଯେ ମୁଁ ତମମାନଙ୍କ ସହିତ ମିଶିଯିବି ଓ ସେମାନଙ୍କୁ ଛାଡ଼ିଦେବି ?

ଅତେବ ଯେପର୍ଯ୍ୟନ୍ତ ପ୍ରତ୍ୟେକ ଅହେମଦୀ ଖିଲାଫତ୍ ସହିତ ଯୋଡ଼ି ହୋଇ ରହିଥିବେ ସେପର୍ଯ୍ୟନ୍ତ ସେମାନେ ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇଚାଲିଥିବେ । ସେଥି ସକାଶେ ଆମକୁ ନିଜ କର୍ମକୁ ମଧ୍ୟ ଖୁଦାତାଲାଙ୍କ ଶିକ୍ଷା ମୁତାବକ ଢ଼ାଳିବାକୁ ହେବ । ତାପରେ ଏହି ପୁରସ୍କାର ଆମକୁ ଲାଭ ଦେବ । ଏହା ହେଉଛି ସର୍ବଶକ୍ତିମାନ ଅଲ୍ଲାଃଙ୍କ ପ୍ରତିଜ୍ଞା ଓ ପ୍ରତିଶୃତି ଯେ ଯେଉଁମାନେ ଇମାନ୍ ଆଣିବା ସହିତ ନିଜ କର୍ମକୁ ଅଲ୍ଲାଃତାଲାଙ୍କ ଦ୍ୱାରା ବତାଯାଇଥିବା ଶୈଳୀ ମୁତାବକ ସମ୍ପାଦନ କରିବେ ସେମାନେ ଖିଲାଫତରୁ ଆଶୀର୍ବାଦ (ଆଧ୍ୟାତ୍ମିକ ପୁରସ୍କାର)ପାଇ ଚାଲିବେ ।

ଅର୍ଥାତ୍ ଆମେ ଅଲ୍ଲାଃତାଲାଙ୍କ ଉପରେ ଶିଦ୍ଧ ବିଶ୍ୱାସ ଆଣି ତାହାଙ୍କ ଉପାସନାର ଅଧିକାରକୁ ପ୍ରଦାନ କରୁଥିବା ଏବଂ ଆମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ଖୋଜୁଥିବ ,ତେବେ ଯାଇ ଆମେ ସେହି ଅନୁଗ୍ରହକୁ ପାଇପାରିବା । ହଜରତ୍ ମସିହ୍ ମଉଦ୍ ଆ ସ କୁହନ୍ତି : "ପବିତ୍ର କୁରଆନରେ ଅଲ୍ଲାଃତାଲା ଇମାନ ସହିତ ଅମଲେ ସ୍ୱାଲେହା (ଉଚିତ ଧାର୍ମିକ କର୍ମ)ବି ରଖିଛନ୍ତି । ସେଥିରେ ଅଣୁମାତ୍ରାରେ ବି ବିଭ୍ରାଟ/ତୃଟି ନଥିବ । ....ଯଦି ପୁରା ଘରେ ଜଣେ ଲୋକ ବି ଅମଲେ ସ୍ୱାଲେହା (ଉଚିତ ଧାର୍ମିକ କର୍ମ )କରୁଥିବା ଲୋକ ଥାଏ ତାହେଲେ ସେହି ଘରଟି ସମ୍ପୂର୍ଣ୍ଣ ରୂପେ ବଂଚିଯାଏ । ଏକଥାକୁ ବୁଝିଯାଅ ଯେ ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ଅମଲେ ସ୍ୱାଲେହା ନହୋଇଛି ସେପର୍ଯ୍ୟନ୍ତ ତୁମକୁ କେବଳ ମାନିଯିବାରେ କିଛି ଲାଭ ନାହିଁ ।" **(ମଲଫୁଜାତ୍ ଖ-୦୪ ପୃ-୨୭୪-୨୭୫)**

ତେଣୁ ଆମକୁ ନିଜର ସମୀକ୍ଷା କରିବା ଉଚିତ ଯେ କୌଣସି ସମୟରେ ବି ଶଇତାନ ଆମ ଉପରେ ଆକ୍ରମଣ ନକରିଦେଉ । ଅଲ୍ଲାଃତାଲା ଆମ ବାପା ଜେଜ(ପୂର୍ବପୁରୁଷ)ମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରଦାନ କରିଥିଲେ । ଏହା ତାହାଙ୍କ ଅନୁଗ୍ରହ ଥିଲା । ସେହି ଅନୁଗ୍ରହ /ଅଲ୍ଲାଃଙ୍କ ଉପକାରର କୃପା ଜାରି ରଖିବା ପାଇଁ ଆମକୁ ନିରନ୍ତର ନିଜ ଇମାନକୁ ବଢ଼ାଇବାକୁ ହେବ । ଆମକୁ ଆମ ଇମାନ ଉପରେ ନଜର ରଖିବାକୁ ହେବ । ଯଦ୍ୱାରା ଆମ ମାନଙ୍କ ମଧ୍ୟରୁ ପ୍ରତ୍ୟେକ ସେହି ଅନୁଗ୍ରହର ଭାଗିଦାରୀ ହୋଇଚାଲିବ ଯାହା ବିଷୟରେ ଆଁ ହଜରତ୍ ସ ଆ ସ ଭବିଷ୍ୟବାଣୀ କରିଥିଲେ । ଯାହାର ପ୍ରତିଶୃତି ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ଦେଇଥିଲେ । ଅର୍ଥାତ୍ ଖିଲାଫତର ବ୍ୟବସ୍ଥା ।

ତେଣୁ ଆମକୁ ନିଜ ନିଜର ସମୀକ୍ଷା କରିବା ଉଚିତ ଯେ ଆମେ କେତେମାତ୍ରାରେ ନିଜକୁ ଏହା ସହିତ ଯୋଡ଼ିପାରିଛେ । ଯଦ୍ୱାରା ଆମେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ଏକ ହୋଇ ଦୁନିଆରେ ସ୍ଥାପନ କରିପାରିବା ।

ହଜରତ୍ ମସିହ୍ ମଉଦ୍ ଆ ସ ଗୋଟିଏ ସ୍ଥାନରେ କହିଛନ୍ତି : "ତୁମେମାନେ ଖୁସି ହୋଇଯାଅ ଯେ ତୁମମାନଙ୍କ ସକାଶେ ସାନ୍ନିଧ୍ୟ ଲାଭ କରିବାର କ୍ଷେତ୍ର ଖାଲି ପଡ଼ିଛି ।"ଅର୍ଥାତ୍ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ପାଇବାର କ୍ଷେତ୍ର ଖାଲି ପଡ଼ିଛି । ତାହା ଆଡ଼କୁ ବିଢ଼ିବାର କ୍ଷେତ୍ର ଖାଲି ପଡ଼ିଛ ।"ଯେଉଁ ବିଷୟରେ ଅଲ୍ଲାଃ ସନ୍ତୁଷ୍ଟ ହେବେ , ସେଥି ପ୍ରତି ସଂସାରବାସୀ ଧ୍ୟାନ ଦେଉନାହାନ୍ତି । "ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଡ଼କୁ ଆସିବା ପ୍ରତି ଏ ଦୁନିଆ ଧ୍ୟାନ ଦେଉନାହିଁ ।"ଯେଉଁମାନେ ପ୍ରସନ୍ନ ପ୍ରାପ୍ତି ଦ୍ୱାରରେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ପ୍ରବେଶ କରିବାକୁ ଇଚ୍ଛା କରୁଛନ୍ତି , ସେମାନଙ୍କର ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ସୁଯୋଗ ରହିଛି । ଫଳରେ ସେମାନେ ଅଲ୍ଲାଃତାଲାଙ୍କଠାରୁ ସ୍ୱତନ୍ତ୍ର ପୁରସ୍କାର ପ୍ରାପ୍ତ ହେବେ । ଅଲ୍ଲାଃତାଲା ତୁମର ସର୍ବନାଶ କରିଦେବେ ବୋଲି ଚିନ୍ତା କର ନାହିଁ । ତୁମେମାନେ ହେଉଛ ଅଲ୍ଲାଃଙ୍କ ଦ୍ୱାରା ଭୂମିରେ ବପନ କରାଯାଇଥିବା ଏକ ବୀଜ ସଦୃଶ । ଅଲ୍ଲାଃତାଲା କହୁଛନ୍ତି ଯେ ଏହି ବୀଜ ବଢ଼ିବ ,ଏହା ପସ୍ଫୁଟିତ ହେବ , ସବୁ ଦିଗରୁ ଏହାର ଶାଖା ପ୍ରଶାଖା ବାହାରିବ ଓ ଏହା ଏକ ବିରାଟ ଦ୍ରୁମରେ ପରିଣତ ହେବ ।" **(ରିସାଲାଃ ଅଲୱ୍ୱସିୟତ୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୩୦୮-୩୦୯)**

ପୁଣି ହଜରତ୍ ମସିହ୍ ମଉଦ୍ ଆ ସ ଗୋଟିଏ ସ୍ଥାନରେ କହିଛନ୍ତି ଯେ " ମୁଁ ମୋ ଜମାଅତର ଲୋକମାନଙ୍କୁ ଏହା ଜଣାଇ ଦେବାକୁ ଚାହେଁ ଯେ ଅଲ୍ଲାଃତାଲା ମତେ ସମ୍ବୋଧନ କରି କହିଛନ୍ତି , ଯେଉଁ ଲୋକମାନେ ଏପରି ବିଶ୍ୱାସ ସ୍ଥାପନ କରିଛନ୍ତି ଯହିଁରେ ସାଂସାରିକ ବିଷୟରେ ମିଶ୍ରଣ ନାହିଁ ଏବଂ ସେହି ବିଶ୍ୱାସ ବିଦ୍ୱେଷ ବା କାପୁରୁଷତା ଦ୍ୱାରା ପ୍ରଦୂଷିତ ହୋଇନାହିଁ ଓ ସେହି ବିଶ୍ୱାସରେ ଯେକୌଣସି ସ୍ତରର ଆଜ୍ଞାବହ ହେବାରେ ଅଭାବ ନାହିଁ , ସେହି ଲୋକମାନେ ହିଁ ସତ୍ୟ ଉପରେ ପାଦ ଥାପିଛନ୍ତି, ଯାହା ଯଥାର୍ଥ ଓ ଉଚିତ୍ ପଦକ୍ଷେପ ।"

**(ରିସାଲାଃ ଅଲୱ୍ୱସିୟତ୍ , ରୁହାନୀ ଖଜାଇନ୍ , ଖ-୨୦ , ପୃ-୩୦୯)**

ଏହି ସବୁ କଥା ହଜରତ୍ ମସିହ୍ ମଉଦ୍ ଆ ସ ଅଲୱ୍ୱସିୟତ୍ ପତ୍ରିକାରେ ବର୍ଣ୍ଣନା କରିଛନ୍ତି । ଯେଉଁଥିରେ ଖିଲାଫତ୍ ଜାରି ହେବା ବିଷୟରେ ବି ହଜରତ୍ ମସିହ୍ ମଉଦ୍ ଆ ସ ସୁସମାଚାର ଦେଇଛନ୍ତି । ଅତଃ ହଜରତ୍ ମସିହ୍ ମଉଦ୍ ଆ ସଙ୍କର ଏହି ଆଦେଶ ଏଥିପ୍ରତି ଧ୍ୟାନ ଆକର୍ଷଣ କରୁଅଛି ଯେ ପ୍ରତ୍ୟେକ ଅହେମଦୀର ଖିଲାଫତ୍ ସହିତ ନିଷ୍ଠା ଓ ଭକ୍ତିପୂର୍ଣ୍ଣ ସମ୍ପର୍କ ରହିବା ଉଚିତ୍ ଏବଂ ସେହିମାନେ ହିଁ ବୟତର ହକକୁ ପ୍ରଦାନ କରିବେ । ଯେଉଁମାନେ ଏହି ସ୍ତରକୁ (ଏହି ମାନକକୁ) ହାସଲ କରିବେ । ଯେବେ ଏପରି ହେବ, ସେତେବେଳେ ଆମେ ଆଜି ଏହି ଖିଲାଫତ୍ ଦିବସକୁ ପାଳନ କରିବାକୁ ଯୋଗ୍ୟ ବିବେଚିତ ହେବା ।

ଅଲ୍ଲାଃତାଲା ସମସ୍ତଙ୍କୁ ସୌଭାଗ୍ୟ ପ୍ରଦାନ କରନ୍ତୁ ଯେ ସମସ୍ତେ ଖିଲାଫତ ପ୍ରତି ଥିବା ବୟତର କର୍ତବ୍ୟ(ହକ୍)କୁ ମଧ୍ୟ ପ୍ରଦାନକାରୀ ହୁଅନ୍ତୁ ଏବଂ ଅଲ୍ଲାଃତାଲାଙ୍କ କୃପାକୁ ବି ପ୍ରାପ୍ତକାରୀ ହୁଅନ୍ତୁ ।

ଆଜି ଗୋଟିଏ ସଂକ୍ଷିପ୍ତ ଏଲାନ୍ (ଘୋଷଣା) ବି କରିବାକୁ ଅଛି ଯେ ଆଜି ଘାନା ଜମାଅତ୍ ନିଜର ଦୁଇଦିନିଆ ଜଲସା ପାଳନ କରୁଅଛି । ୨୭,୨୮ ତାରିଖ କୁ ବୁସ୍ତାନ ଅହେମଦରେ ଜଲସା ଅନୁଷ୍ଠିତ ହେଉଅଛି । ଏତତବ୍ୟତୀତ ସେମାନେ ସାରା ଦେଶରେ ୧୧୯ଟି ସେଂଟର୍ ସ୍ଥାପନ କରିଛନ୍ତି । ସେଠାରେ ବି ପଂଚଟି ବଡ଼ ବଡ଼ ଇଜତିମା ସେଂଟର୍ ରହିଛି , ସେମନଙ୍କ ସହିତ ପରସ୍ପର ସହିତ ଯୋଗା ଯୋଗ ନିମନ୍ତେ ଅଡ଼ିଓ ଭିଡ଼ିଓର ମାଧ୍ୟମ ସ୍ଥାପନ କରାଯାଇଅଛି । ଘାନା ଜମାଅତ୍‌ର ପ୍ରାରମ୍ଭ ଫେବୃୟାରୀ ମାସ ୧୯୨୧ ମସିହାରେ ହୋଇଥିଲା । ମୌଲାନା ଅବ୍ଦୁଲ୍ ରହିମ୍ ନୟର୍ ସାହେବ୍ ର ଅ ଏଠାରୁ , ଲଣ୍ଡନରୁ ବାହାରି ଘାନାରେ ପହଂଚିଥିଲେ । ଗତ ବର୍ଷ ଘାନା ଜମାଅତ୍ ନିଜର ଶତବାର୍ଷିକୀ ପାଳନ କରିବାକୁ ଚାହୁଁଥିଲା । କିନ୍ତୁ କୋଭିଡ଼ ଯୋଗୁଁ କୌଣସି ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇପାରିଲା ନାହିଁ । ସେଥି ପାଇଁ ଏବେ ସେମାନେ ଏ ନିଷ୍ପତି ନେଇଛନ୍ତି ଯେ ୨୦୨୨ଏବଂ ୨୦୨୩ ଦୁଇବର୍ଷ କାଳ ଏହି ପ୍ରୋଗ୍ରାମକୁ ଜାରି ରଖିବେ । ଅଲ୍ଲାଃତାଲା ସେମାନଙ୍କର ଜଲସାକୁ ପ୍ରତି କ୍ଷେତ୍ରରୁ ବାବରକତ୍ (ଆଶୀର୍ବାଦପୂର୍ଣ୍ଣ) ସାବ୍ୟସ୍ତ କରନ୍ତୁ ଏବଂ ସେମାନଙ୍କୁ , ପ୍ରତ୍ୟେକ ଅହେମଦୀମାନଙ୍କୁ ନିଷ୍ଠା ଓ ଭକ୍ତି ଭାବରେ ବଢ଼ାଇଚାଲନ୍ତୁ ।

ସେହିପରି ଆଜି ଗାମ୍ବିଆରେ ବି ଜଲସା ସାଲାନା ପାଳନ କରାଯାଉଛି । ଏହା ବି ତିନି ଦିନ ଧରି ଅନୁଷ୍ଠିତ ହେବ । ଅଲ୍ଲାଃତାଲା ଏହି ଜଲସାକୁ ପ୍ରତି କ୍ଷେତ୍ରରେ ବାବରକତ୍ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan